


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୦୧ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 01 APRIL 2022

Vol.No. 33 ■ No. 86 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶ ପାଇଲା

ଡଃ ଭାଗବତ ବେହେରାଙ୍କର

ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ

ବନ୍ଧୁ ମହାନ୍ତି

ପ୍ରାପ୍ତିସ୍ଥାନ :

ତାରିଣୀ ବିଦ୍ୟା ଭଣ୍ଡାର

ଷ୍ଟେସନ ରୋଡ,

ବାଲେଶ୍ୱର-୧

ମୂଲ୍ୟ ଟ୧୫୦/-


# ଦିଲ୍ଲୀରେ ପହଞ୍ଚିଲେ ରୁଷ ବୈଦେଶିକ ମନ୍ତ୍ରୀ

## ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବେ



ନୂଆଦିଲ୍ଲୀ, ୩୧/୦୩ : ୟୁକ୍ରେନ ସହ ଯୁଦ୍ଧ ଚାଲିଥିବା ବେଳେ ଆଜି ଭାରତରେ ପହଞ୍ଚିଛନ୍ତି ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେୟି ଲାବରୋବ। ଦୁଇ ଦିନିଆ ଭାରତ ଗସ୍ତରେ ଆସିଥିବା ଲାବରୋବ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ଭେଟିବେ। ୟୁକ୍ରେନ ସହ ଯୁଦ୍ଧ କରୁଥିବାରୁ ରୁଷ ଉପରେ ଆମେରିକା ସମେତ ପଶ୍ଚିମ ଦେଶଗୁଡ଼ିକ କଟକଣା ଲଗାଇଛନ୍ତି । ଏପରି ସ୍ଥିତିରେ ଲାବରୋବ ଭାରତ ଆସିବା ବେଶ ଗୁରୁତ୍ୱପୂର୍ଣ୍ଣ। ସେ ଭାରତ ଗସ୍ତରେ ଆସିଥିବାରୁ ପୂରା ବିଶ୍ୱର ନଜର ନୂଆଦିଲ୍ଲୀ ଉପରେ ରହିଛି। କାରଣ ଲାବରୋବ ଭାରତ ସହ ବ୍ୟବସାୟିକ ଓ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବାକୁ ଏଠାକୁ ଆସିଛନ୍ତି। ୟୁକ୍ରେନ ସହ ଯୁଦ୍ଧ ଆରମ୍ଭ ପରେ ଭାରତ ସହ ରୁଷର ଆସନ୍ତାକାଲି ପ୍ରଥମ ଉଚ୍ଚସ୍ତରୀୟ ବୈଠକ ହେବ। ଅନ୍ୟପକ୍ଷରେ ବ୍ରିଟେନର ବିଦେଶ ସଚିବ ଲିଜ ଟ୍ରସ ଏବେ ଭାରତରେ ଅଛନ୍ତି। ସେହିପରି ଆମେରିକାର ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା ଦଲୀପ ସିଂହ ଭାରତ ଗସ୍ତରେ ଆସିଛନ୍ତି। ଏମାନଙ୍କ ଗସ୍ତ ଅପେକ୍ଷା ସମସ୍ତଙ୍କ ଫୋକସ ଲାବରୋବଙ୍କ ଉପରେ ରହିଛି। କାରଣ ଲାବରୋବଙ୍କ ଭାରତ ଗସ୍ତ ପୂର୍ବରୁ ଆମେରିକା ବଡ଼ ବୟାନ ଦେଇଛି। ରୁଷ ପ୍ରତି ଭାରତ ଏପରି ଆଭିମୁଖ୍ୟକୁ କେବେ ହେଲେ ଆମେରିକା ଆଶା କରୁ ନଥିଲା। ଏହାକୁ ନିଶ୍ଚିତ ଇତିହାସ ମନେ ରଖିବ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି।

## ବସ୍ ଭଡା ବଢିଲା

ଭୁବନେଶ୍ୱର, ୩୧/୦୩ (ନି.ପ୍ର): ରାଜ୍ୟରେ ପୁଣି ବଢିଲା ବସ୍ ଭଡା। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କି.ମି ପିଛା ୩ ପଇସା ଲେଖାଏଁ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିମି ପିଛା ୬ ପଇସା ଲେଖାଏଁ ବୃଦ୍ଧି ପାଇଛି। ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦର ବୃଦ୍ଧି ପରେ ଅର୍ଡିନାରୀ ଭଡ଼ା କି.ମି ପିଛା ୮୭ରୁ ୯୦ ପଇସାକୁ ବୃଦ୍ଧି ପାଇଛି। ସେହିପରି ଏକ୍ସପ୍ରେସ ବସ୍ ଭଡ଼ା କିମି ପିଛା ୯୧ରୁ ୯୪ ପଇସାକୁ , ଡିଲକ୍ସ ବସ୍ ଭଡା ୧ ଟା ୨୫ ପଇସାରୁ ୧ ଟଙ୍କା ୩୧ ପଇସାକୁ ଓ ଏସି ଡିଲକ୍ସ ବସ୍ ଭଡା ୧ଟଙ୍କା ୫୩ ପଇସାରୁ ୧ ଟଙ୍କା ୫୯ ପଇସାକୁ ବୃଦ୍ଧି ପାଇଛି।

# ପାକିସ୍ତାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କ ନାଁ ଘୋଷଣା କଲେ ବିଲାଓ୍ୱଲ ଭୁଟ୍ଟୋ



ନୂଆଦିଲ୍ଲୀ, ୩୧/୦୩ : ପାକିସ୍ତାନରେ ଇମରାନ ଖାନଙ୍କ ସରକାର ଉପରେ ସଙ୍କଟ ପଡିଛି । କ୍ରିକେଟରୁ ରାଜନେତା ବନିଥିବା ଇମ୍ରାନ ଖାନଙ୍କ ବିରୋଧରେ ବିରୋଧୀ ମାନେ ଏକଜୁଟ ହୋଇ ତାଙ୍କୁ କ୍ଷମାତାରୁ ହଟାଇବାକୁ ଚେଷ୍ଟା କରୁଛନ୍ତି । ଯାହାକି ଖୁବ ଶୀଘ୍ର ସଫଳ ହେବାକୁ ଯାଉଛି । ଯଦି ଇମ୍ରାନ୍ ଖାନ୍ ଗାଦୀଚ୍ୟୁତ ହୁଅନ୍ତି ତେବେ ପାକିସ୍ତାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବ ବୋଲି ପ୍ରଶ୍ନ ଉଠୁଛି । ଇମ୍ରାନ ଖାନ୍ ହଟିବା ପରେ ପାକିସ୍ତାନର ପ୍ରଧାନମନ୍ତ୍ରୀ କିଏ ହେବେ । ପାକିସ୍ତାନ ପିପୁଲ୍ସ ପାର୍ଟି(ପିପିପି) ର ଅଧ୍ୟକ୍ଷ ବିଲାଓ୍ୱଲ ଭୁଟ୍ଟୋ ଜରଦାରୀ ପାକିସ୍ତାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଯଙ୍କ ନାଁ ଘୋଷଣା କରିଛନ୍ତି । ବିରୋଧୀ ପାର୍ଟିର ନେତା ବିଲାଓ୍ୱଲ ଭୁଟ୍ଟୋ ଜରଦାରୀ ବୁଧବାର କହିଛନ୍ତି ଯେ, 'ଇମ୍ରାନ ଖାନ୍ ରାଷ୍ଟ୍ରୀୟ ସଭାରେ ବହୁମତ ହରାଇଛନ୍ତି । ଏହାପରେ ବିରୋଧୀ ଦଳର ନେତା ଶାହାବାଜ ସରିଫ୍ ଖୁବଶିଘ୍ର ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ' । ଏପରି ଘୋଷଣା କରିଛନ୍ତି ବିଲାଓ୍ୱଲ ଭଟ୍ଟ । ଶାହାବାଜ ଖାନ୍ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ନଓ୍ୱାଜ୍ ସରିଫଙ୍କ ଭାଇ । ସେ ପାକିସ୍ତାନର ଜଣେ ବରିଷ୍ଠ ନେତା । ବର୍ତ୍ତମାନ ସେ ପାକିସ୍ତାନୀ ମୁସ୍ଲିମ୍ ଲିଗ୍ ଏନର ସଭାପତି ଭାବେ କାର୍ଯ୍ୟରତ । କହିରଖୁଁ ସେ ପାକିସ୍ତାନ ଅଧିକୃତ ପଂଜାବର ମୁଖ୍ୟମନ୍ତ୍ରୀ ଭାବେ ୩ ଥର ନିର୍ବାଚିତ ହୋଇସାରିଛନ୍ତି ।

# ଅପ୍ରେଲ ୨ରୁ ସକାଳୁଆ ସ୍କୁଲ



ଭୁବନେଶ୍ୱର, ୩୧/୦୩ (ନି.ପ୍ର): ଆସନ୍ତା ଅପ୍ରେଲ ୨ ତାରିଖରୁ ରାଜ୍ୟ ସରକାର ସମସ୍ତ ସରକାରୀ, ବେସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସକାଳୁଆ ଖୋଲିବ। ତେବେ ସ୍କୁଲ ଖୋଲିବା ସମୟରେ ସାମାନ୍ୟ ପରିବର୍ତନ କରାଯାଇଛି। ଏପ୍ରିଲ୍ ୨ ତାରିଖରୁ ୬ଟା ୩୦ରୁ ୧୦ଟା ୩୦ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠପଢ଼ା ହେବ। ସେହିପରି ସକାଳ ୭ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଠପଢ଼ା ହେବ। ପୂର୍ବରୁ ସକାଳ ୬ଟା ୩୦ରୁ ୧୦ଟା ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଏବଂ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ନବମ ଓ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଘୋଷଣା କରିଥିଲେ। ସଂପ୍ରତି ରାଜ୍ୟରେ ପ୍ରବଳ ଗ୍ରୀଷ୍ମଲହର କାରଣରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ନିଷ୍ପତି ନେଇଛି। ଅପରପକ୍ଷରେ ଅପ୍ରେଲ ପହିଲାରୁ ବିଦ୍ୟାଳୟରେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ରନ୍ଧା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆରମ୍ଭ ହେବ । ବିଦ୍ୟାଳୟଗୁଡ଼ିକରେ ପର୍ଯ୍ୟାପ୍ତ ପିଇବା ପାଣି ଉପଲବ୍ଧ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଛାତ୍ରଛାତ୍ରୀମାନଙ୍କୁ ଛତା ବ୍ୟବହାର ନିମନ୍ତେ ପରାମର୍ଶ ଦିଆଯାଇଛି ।

## ସିଏଜି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ

ଭୁବନେଶ୍ୱର, ୩୧/୦୩ (ନି.ପ୍ର): ୨୦୨୦-୨୧ ରେ ଓଡିଶାରେ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ ୫,୦୯,୫୭୪ କୋଟି ଟଙ୍କା ରହିଥିଲା । ୨୦୨୦-୨୧ ରେ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ ସେବା କ୍ଷେତ୍ରର ସବୁଠାରୁ ଅଧିକ ଯୋଗଦାନ ଅର୍ଥାତ ୩୭.୧୬ ପ୍ରତିଶତ ଯୋଗଦାନ ଥିଲା । ସେହିପରି ଶିଳ୍ପ ପାଇଁ ୩୧.୭୩% ଓ କୃଷି ପାଇଁ ୧୮.୬୧% ଯୋଗଦାନ ରହିଥିଲା । ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ମାର୍ଚ୍ଚ ୨୦୨୧ରେ ସମାପ୍ତ ବର୍ଷ ପାଇଁ ରାଜ୍ୟର ଆର୍ଥିକ ସ୍ଥିତିର ପ୍ରତିବେଦନରେ ▶▶ପୃଷ୍ଠା ୭

# ମୁହାଁମୁହିଁ ହେଲେ ଅପରାଜିତା ଷଡଙ୍ଗୀ-ପିନାକୀ ମିଶ୍ର



ଭୁବନେଶ୍ୱର, ୩୧/୦୩ (ନି.ପ୍ର): ସଂସଦରେ ପହଂଚିଲା ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ପ୍ରସଙ୍ଗ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ପ୍ରସଙ୍ଗ ଉଠାଇଛନ୍ତି । ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ଖନନକୁ ବିରୋଧ କରିଛନ୍ତି । ଶ୍ରୀଘ୍ର ଏହାକୁ ବନ୍ଦ କରିବା ସହ ସଂସ୍କୃତି ମନ୍ତ୍ରାଳୟ ଏଥିରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି । ଲୋକସଭାରେ ଏହି ପ୍ରସଙ୍ଗ ଉଠାଇ ଅପରାଜିତା କହିଛନ୍ତି, ଆମସର ଆକ୍ଟ ୧୯୫୮ ଅନୁସାରେ ଐତିହାସିକ ସ୍ଥଳର ୧୦୦ ମିଟର ଭିତରେ କୌଣସି ନିର୍ମାଣ କାମ ହୋଇପାରିବ ନାହିଁ । ପରବର୍ତୀ ୨୦୦ ମିଟର ପରିଧି ଭିତରେ ନିର୍ମାଣ କାମ କରାଗଲେ ଏଏସ୍ଆଇ ଓ ଏନଏମଏର ଅନୁମତି ନେବାର ଆବଶ୍ୟକତା ରହିଛି । ତେବେ ନେସନାଲ ମନୁମେଂଟର ଅନୁମତି ନନିଆଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ନିର୍ମାଣ ଓ ଭଙ୍ଗାରୁଜା କରାଯାଉଛି ବୋଲି ଲୋକସଭାରେ କହିଛନ୍ତି ଅପରାଜିତା ଷଡଙ୍ଗୀ । ସେପଟେ ସଂସଦରେ ଏହାର ଜବାବ ରଖି ବିଜେଡିର ବରିଷ୍ଠ ସଦସ୍ୟ ପିନାକୀ ମିଶ୍ର କହିଛନ୍ତି, ଓଡ଼ିଶାରେ କୌଣସି ବେଆଇନ କାମ ହୁଏନାହିଁ । ସେଥିପାଇଁ ୨୨ବର୍ଷ ଧରି ନବୀନଙ୍କ ସରକାର ରହିଛି । ପୁରୀ ମନ୍ଦିର ଚାରିପଟେ କୌଣସି ଖନନ କାର୍ଯ୍ୟ ହେଉନାହିଁ, ସେଠାରେ କେବଳ ୪ଟି ଟଏଲେଟ ତିଆରି କରାଯାଉଛି ।

# ମାନସ ହତ୍ୟା ମାମଲାରେ ସତ ମାନିଲା ଅଭିଯୁକ୍ତ ରଂଜନ

ଭୁବନେଶ୍ୱର, ୩୧/୦୩ (ନି.ପ୍ର): କ୍ୟାମେରାମ୍ୟାନ ମାନସ ସ୍ୱାଇଁଙ୍କ ଅପହରଣ, ହତ୍ୟା, ଶବ ପୋତିବା ଠାରୁ ଆରମ୍ଭ କରି ପ୍ରମାଣ ନଷ୍ଟ ପାଇଁ ହୋଇଥିବା କାରସାଦିର ଗୁମର ଖୋଲିଛି ଅଭିଯୁକ୍ତ ରଂଜନ ନାୟକ । ମୃତଦେହକୁ ପୋତି ଦେବା ପରେ ଯେଉଁ ସ୍ଥାନରେ ବ୍ୟବହୃତ ସାମଗ୍ରୀକୁ ନଷ୍ଟ କରାଯାଇଥିଲା, ରଂଜନକୁ ସେହି ସ୍ଥାନକୁ ନେଇ ସିନ୍ ରିକ୍ରିଏସନ୍ କରିବା ସହ ଜବତ ସାମଗ୍ରୀର ଚିହ୍ନଟ କରିଛି କ୍ରାଇମବ୍ରାଂଚ । ମାନସ ସ୍ୱାଇଁଙ୍କ ମୃତଦେହକୁ ନୟାଗଡ଼ ରଣପୁରରେ ପୋତି ଦେବା ପରେ ପ୍ରମାଣ ନଷ୍ଟ ପାଇଁ ହୋଇଥିଲା ଯୋଜନା । ଚଣ୍ଡିଖୋଲଠାରୁ ୨ କିଲୋମିର ଦୂର ଦୈତାରୀ-ପାରାଦ୍ୱୀପ ଏକ୍ସପ୍ରେସ-ଓ୍ୱେକୁ ଯାଇଥିଲେ ଅଭିଯୁକ୍ତ । ଆଉ ସେହିଠାରେ ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀକୁ ନଷ୍ଟ କରି ଦେବାକୁ ଉଦ୍ୟମ କରାଯାଇଥିଲା । କ୍ରାଇମବ୍ରାଂଚ ଘଟଣାସ୍ଥଳରୁ ସେସବୁକୁ ଜବତ କରିଛି । ଯେଉଁ ଅଖା ବସ୍ତା ଓ ଶାଢ଼ିରେ ମୃତଦେହକୁ ଗୁଡ଼େଇ ନିଆଯାଇଥିଲା, ଅଧାପୋଡ଼ା ବସ୍ତା ଓ ଶାଢ଼ି ଘଟଣାସ୍ଥଳରୁ ଜବତ କରିଛି କ୍ରାଇମବ୍ରାଂଚ, ଅଧାପୋଡ଼ା ମୋବାଇଲ୍ ଇୟର ଫୋନ୍ ଓ ଅଧାପୋଡ଼ା ଚପଲ, ବୁଦାମୂଳେ ଫିଙ୍ଗା ଯାଇଥିବା ଫାଉଡ଼ା ଓ ଗଇନ୍ତି ଜବତ । ଫାଉଡ଼ା ଓ ଗଇନ୍ତିରେ ଗାତଖୋଳି ମାନସଙ୍କ ମୃତଦେହକୁ ପୋତି ଦେଇଥିଲେ ଶର୍ମିଷ୍ଠା ଓ ତାଙ୍କ ଟିମ୍ । କ୍ରାଇମବ୍ରାଂଚ ଆଗରେ ଅଭିଯୁକ୍ତ ରଂଜନ ସଂପୂର୍ଣ୍ଣ ଘଟଣା ବଖାଣିଛି । କିଡନାପ୍, ମର୍ଡର, ପ୍ରମାଣ ନଷ୍ଟ ପାଇଁ ହୋଇଥିବା ଷଡ଼ଯନ୍ତ୍ରର ପୂରା ପୃଷ୍ଠା ଖୋଲିଛି ରଂଜନ । କ୍ରାଇମବ୍ରାଂଚକୁ ରଂଜନ କହିଛି, ଭଦ୍ରକ ▶▶ପୃଷ୍ଠା ୭


DADLS-77



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଉତ୍କଳ ଦିବସ -୨୦୨୨ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ

(ଗଣେଶୀ ଲାଲ)

ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0137/2122

DADLS-77

ଓଡ଼ିଶା ସରକାର

ଓଡ଼ିଶା ଦିବସ ଅବସରରେ

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାପୁରୁଷମାନଙ୍କ ପ୍ରତି ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ବୃଦ୍ଧି କରିଥିବା ଆମର ବରପୁତ୍ରମାନଙ୍କ ପ୍ରତି ମଧ୍ୟ ମୋର ସମ୍ମାନ ଜଣାଉଛି । ଆଜି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି । ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଶପଥ ନେଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ ।

ନବୀନ ପଟ୍ଟନାୟକ

OIPR : 15001/13/0137/2122

DADLS-77



ଓଡ଼ିଶା ଦିବସ ୨୦୨୨

ପାଳନ ଅବସରରେ ବାର୍ତ୍ତା

ପବିତ୍ର ଉତ୍କଳ ଦିବସ - ୨୦୨୨ ଉପଲକ୍ଷେ ରାଜ୍ୟବାସୀ ସମସ୍ତଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟର ଗୌରବମୟ ଇତିହାସର ସ୍ମୃତିଚାରଣ ହେଉଛି ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ । ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅତୁଳନୀୟ ଅବଦାନ ରଖିଥିବା ଆମ ରାଜ୍ୟର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଆସନ୍ତୁ, ଆମେ ସମସ୍ତେ ଆମର ସେହି ପୂର୍ବସୂରୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟର ବିକାଶଧାରାରେ ସାମିଲ ହେବା ଏବଂ ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

(ରଘୁନନ୍ଦନ ଦାସ)

ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0137/2122

# ନିବେଦିତା ବେହେରା ଅଧକ୍ଷା ଦାୟିତ୍ୱ ନେଲେ



ବାସୁଦେବପୁର,୩୧/୦୩(ନି.ପ୍ର): ବାସୁଦେବପୁର ପୌରପାଳିକା ର ନବ ନିର୍ବାଚିତ ଅଧକ୍ଷ ନିବେଦିତା ବେହେରା ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଶିଷ୍ଟ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ପୌରପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ସମସ୍ତ କାଉନସିଲର, ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ । ଈଶ୍ୱରଙ୍କ କୃପାରୁ ଆଗାମୀ ଦିନରେ ବାସୁଦେବପୁର ପୌରପାଳିକାର ସବୁ ପ୍ରକାର ଉନ୍ନତି ହେବା ସହିତ ସମସ୍ୟା ସମାଧାନ ହେବ ବୋଲି ଅଧକ୍ଷା ନିବେଦିତା ବେହେରା ପ୍ରକାଶ କରିଥିଲେ ।

# ବିକାଶର ବହୁ ଦୂରରେ ତେତିଲିଆବାହାଲ : ଏବେ ବି ଡିବିରି ଆଲୁଅ ଭରସା

ବ୍ରଜରାଜନଗର,୩୧/୦୩ (ନି.ପ୍ର): ନିର୍ବାଚନ ପରେ ନିର୍ବାଚନ ଯାଉଛି ହେଲେ ଦେଶରେ ଏମିତି ଗାଁ ଅଛି ତାହାର ସ୍ଥିତି ଏବେ ବି ଅପରିବର୍ତ୍ତିତ ରହିଛି । ଲୋକ ଯେଉଁଠି ଇଣ୍ଟରନେଟ୍‌ର ମଜା ନେଉଛି ସେହି ଦେଶରେ ଲୋକ ବିଦ୍ୟୁତ୍ ଆଲୋକ କ'ଣ ଦେଖିବାକୁ ପାଉ ନାହାନ୍ତି । ରାସ୍ତା, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ସେମାନଙ୍କ ଲାଗି ସ୍ୱପ୍ନ ପାଲଟିଛି । ବର୍ଷ ବର୍ଷ ଧରି ସବୁ ପ୍ରକାର ମୌଳିକ ସୁବିଧାର ବଞ୍ଚିତ ରହୁଛନ୍ତି । ଏମିତି ଏକ ଗାଁ ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ବଞ୍ଜାରୀ ପଞ୍ଚାୟତର ତେତଲିଆବାହାଲ । ବେଲପାହାଡ଼ ପୌରାଞ୍ଚଳରୁ ମାତ୍ର ୮ କିମି ଓ ଲଖନପୁର ବ୍ଲକରୁ ୯ କିମି ଦୂରରେ ଏହି ଗ୍ରାମର ଅବସ୍ଥିତି । ଏଠାରେ ରହୁଛନ୍ତି ୨୫ଟି ପରିବାର । ଗ୍ରାମର ଜନସଂଖ୍ୟା ୧୫୦ ରୁ ଅଧିକ । ଗ୍ରାମ ଚାରିଆଡ଼େ ଘେରି ରହିଛି ଘଞ୍ଚ ଜଙ୍ଗଲ । ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ନଥିବାରୁ ପିଲାମାନେ ୪ କିଲୋମିଟର ଦୂର ଗ୍ରିନଡୋଲା ଯାଆନ୍ତି । ଗ୍ରାମକୁ ବିଜୁଳି ଯାଇନି । ଏବେ ରାତିରେ ଡିବିରି ଆଲୁଅ ହିଁ ଭରସା । ଟିଭି, ଫ୍ୟାନ ଆଦି ଉପକରଣ କ'ଣ ଜଣାନାହିଁ ବୋଲି ବୋଲି କୁହନ୍ତି ଗ୍ରାମର ଦୈତ୍ୟାରି ରୋହିଦାସ ।

ତେତିଲିଆବାହାଲର ସମସ୍ତ ପରିବାର ବିପିଏଲ୍ ଅନ୍ତର୍ଭୁକ୍ତ । ବିପିଏଲ୍ ପରିବାରକୁ ବିଦ୍ୟୁତ୍ ଯୋଗାଇବାଠାରୁ ଅନେକ ସୁବିଧା ଦେବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଯୋଜନା କରିଛନ୍ତି, ହେଲେ ତେତିଲିଆବାହାଲ ଗ୍ରାମବାସୀ ଦୀର୍ଘ ବର୍ଷ ହେବ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାରୁ ମୁକୁଳି ପାରି ନାହାନ୍ତି । ଗାଁରେ ସରକାରୀ ସୁବିଧା କହିଲେ ମିଳିଛି କେବଳ ୨ଟି ନଳକୂପ । ନଳକୂପ ମଧ ଖରାଦିନେ ପାନୀୟ ଜଳ ଯୋଗାଣରେ ଅକ୍ଷମ । ଲୋକେ ସ୍ନାନ, ଶୌଚ ଲାଗି ୨ କିଲୋମିଟର ବିକ୍ରମ ଖୋଲ ନିକଟ ନାଳ ଉପରେ ନିର୍ଭର କରନ୍ତି । ପିଇବା ପାଣି ଗାଁଠାରୁ ଗୋଟିଏ କିଲୋମିଟ ଦୂରରେ ଥିବା ନାଳକୂପରୁ ଆଣନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମ କିଛି ଲୋକଙ୍କୁ ଘର ମିଳିଥିବା କୁହାଯାଉଛି । ଏଠାକାର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ସୁନ୍ଦରଗଡ ଜିଲ୍ଲା ଉପରେ ନିର୍ଭର କରନ୍ତି । ଗ୍ରାମକୁ ଯିବା ଆସିବା କରିବା ପାଇଁ ପକ୍କା ରାସ୍ତା ନାହିଁ । ଖରାପ ରାସ୍ତାରେ ଗ୍ରାମବାସୀ ସାତ କିଲୋମିଟର ବଣପାହାଡ଼ ରାସ୍ତାରେ ବଞ୍ଜାରୀକୁ ଯାଇ ମାସକୁ ମାସ ଭଡ଼ା, ଚାଉଳ ଆଣିଥା'ନ୍ତି । ଏହି ଗ୍ରାମର ଅଧିକାଂଶ ଲୋକ ନିରକ୍ଷର ।



ସମସ୍ୟାର ସମାଧାନ କରିବାକୁ କେବଳ ନିର୍ବାଚନ ସମୟରେ ପ୍ରତିଶ୍ରୁତି ମିଳେ ବୋଲି ଗ୍ରାମର ମଙ୍ଗୁଲୁ ଭୁଏ କହିଛନ୍ତି । ବହୁବର୍ଷ ଧରି ସେମାନେ ବିକାଶକୁ ଅନେଇ ବସିଛନ୍ତି ହେଲେ ବିକାଶ ତାଙ୍କ ଗାଁ ଲାଗି ନିଖୋଜ ବୋଲି କ୍ଷୋଭର ସହିତ କୁହନ୍ତି ଗ୍ରାମବାସୀ । ବେଲପାହାଡ଼ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରତି ଘରକୁ ସୌରାଲୋକ ଯୋଗାଇ ଦିଆଯାଇଥିଲା । ଏବେ ଅଧିକାଂଶ ଅଚଳ । ମରାମତି ହେଉ ନଥିବାରୁ ଗ୍ରାମବାସୀ ପୁଣି ପୂର୍ବ ଅବସ୍ଥାକୁ ଫେରି ଯାଇଛନ୍ତି । ଗ୍ରାମକୁ ଯାଇଥିବା ରାସ୍ତା ବର୍ଷା ଦିନେ ବିପର୍ଯ୍ୟସ୍ତ ହୋଇପଡ଼େ । ସୌରଶକ୍ତିରେ ଚାଳିତ ପାନୀୟ ଜଳ ପକଳ୍ପ ମଧ ଅଚଳ । ତେବେ ଗତ ନିର୍ବାଚନ ପୂର୍ବରୁ ନଳକୂପ, ଗଭୀର ନଳକୂପ ମରାମତି ହୋଇଛି । ଜଙ୍ଗଲ ବିଭଗ ପକ୍ଷରୁ ଘରକୁ ଯୋଗାଇ ଦିଆଯାଇଥିବା ସୌର ଲଣ୍ଠନଟି ବେଶୀ ସମୟ ଚାର୍ଜ ରାହୁ ନଥିବାରୁ ଡିବିରି ଆଲୁଅ ଲୋକଙ୍କ ଭରସା । ଗ୍ରାମକୁ ଉଜ୍ୱଳା ଯୋଜନାରେ ସମିଲି କରାଯାଇ ନଥିବାରୁ ଗ୍ୟାସ୍ ମିଳିନି । ଏନେଇ ଗ୍ରାମର ମଙ୍ଗୁଳ ଭୋଏ କୁହନ୍ତି ଏଇ ଗାଁରେ ଛୋଟରୁ ବୁଢା ହେଲୁଣି, ବିଜୁଳି ଆଲୁଅ ଦେଖି ପାରିବୁ କି ନାହିଁ ସନ୍ଦେହ । ଏନେଇ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କୁ ପଚାରିବାରୁ ଗ୍ରାମଟି ସଂରକ୍ଷିତ ଜଙ୍ଗଲ ଭିତରେ ଏକ ଛୋଟ ଗାଁ ବୋଲି ପ୍ରକାଶ କରିଥିଲେ ।

# ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

ନୂଆପଡ଼ା,୩୧/୦୩ (ନି.ପ୍ର): ଭାଲୁ ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବୃଦ୍ଧାଙ୍କ ନାମ ମାଏଲି ରଣା ବୋଲି ଜଣାପଡିଛି । ନୂଆପଡ଼ା ଜିଲ୍ଲା ନୂଆମୁଣ୍ଡା ଜଙ୍ଗଲରେ ଘଟିଛି ଏହି ଘଟଣା ।

ଖବର ଅନୁଯାୟୀ, ସକାଳ ସମୟରେ ମହୁଲ ସଂଗ୍ରହ କରିବାକୁ ଯାଇଥିଲେ ମାଏଲି । ହଠାତ୍ ଜଙ୍ଗଲରେ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ତେବେ ଦୁଇଟି କୁକୁରଙ୍କ ପାଇଁ ବଂଚିଗଲା ବୃଦ୍ଧାଙ୍କ ଜୀବନ । କୁକୁର ରଡ଼ି ଶୁଣି ଜଙ୍ଗଲମୁହାଁ ହୋଇଥିଲା ଭାଲୁ । ତେବେ ଜଙ୍ଗଲ ଭିତରକୁ ଆମ୍ବୁଲାନ୍ସ ଯାଇପାରିନଥିଲା । ଶେଷରେ ଆମ୍ବୁଲାନ୍ସ କର୍ମଚାରୀ ଦୀର୍ଘ ୧ କିମି ଷ୍ଟ୍ରେଚରରେ ବୃଦ୍ଧାଙ୍କୁ ବୋହି ଆଣିଥିଲେ ।

ଏହାପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ



ବାସୁଦେବପୁର,୩୧/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷ ରେ ବ୍ଲକ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଚେୟାରମ୍ୟାନ ନଗେନ୍ଦ୍ର ବିଶ୍ୱାଳ, ବିଡ଼ିଓ ସତ୍ୟଜିତ ରାଉତ,ସହକାରୀ ଯନ୍ତ୍ରୀ ଅନିଶା ସୁବୁଦ୍ଧି ରାୟ, ଡି ଆର ଡି ଏ ର ଏ ପି ଡି ,ବ୍ଲକ ଉପାଧକ୍ଷ ମାଧୁରୀ ବାରିକ ପ୍ରମୁଖ ଯୋଗଦେଇ ଥିଲେ । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ,ସମନ୍ୱିତ ଶିଶୁ ବିକାଶ ଯୋଜନା, ମମତା ଯୋଜନା, ସାମାଜିକ ସମୀକ୍ଷା ଆର୍ଥିକ ବର୍ଷ ୨୦୨୧ ଓ ୨୨ ପ୍ରଭୃତି ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ବିଭିନ୍ନ ପଂଚାୟତର ସମିତି ସଭ୍ୟ ଓ ସରପଂଚ ଏହି ଶିବିର ରେ ଯୋଗ ଦେଇଥିଲେ ।

# ନର୍ଲା ସାଲେଭଟାରେ ଅଗ୍ରଣୀ ଚାଷୀ ମାନଙ୍କୁ ନେଇ କର୍ମଶାଳା

ଭବାନୀପାଟଣା ,୩୧/୦୩ (ନି.ପ୍ର): ଆଜି ଦିନ ୧୨ଘଣ୍ଟା ସମୟରେ ନର୍ଲା ବ୍ଲକ ଅନ୍ତର୍ଗତ ସାଲେଭଟା ଗ୍ରାମ ଠାରେ କିଛି ଅଗ୍ରଣୀ ଚାଷୀ ଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ପାକଶାଳା ବଗିଚା ପରିଚାଳନା ବିଷୟ ରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୪୧ଜଣ ପୁରୁଷ ମହିଳା ଅଂଶ ଗ୍ରହଣ କରିଥିଲେ । ଏହି ଶିବିରକୁ ଆନୁଷ୍ଠାନିକ ଭାବରେ ଅବସରପ୍ରାପ୍ତ ସେନା ଅଧିକାରୀ ଅଜିତ କୁମାର ପ୍ରଧାନ ଉଦଘାଟନ କରିଥିଲେ । କୁବେର ବୁଡ଼େକ ଏବଂ ଯୋଦବନ୍ଦ ବନ ସୁରକ୍ଷା ସମିତି ସଭାପତି ଦୁଲାବ ମହାର ତାଲିମ ପ୍ରଦାନ କରିଥିଲେ । ଉକ୍ତ ଶିବିରକୁ ଗ୍ରାମ ବିକାଶ ସଂଘଠନ ତଥା ଆମ ଜଙ୍ଗଲ ଯୋଜନା ଦଳପତି ହମନ୍ତ କୁମାର ସାହୁ ପରିଚାଳନା କରିଥିଲେ ।

# ବିଷାକ୍ତ ଧୂଆଁ ବଳୟରେ ଇସ୍ପାତ ସହର

ରାଉରକେଲା ,୩୧/୦୩ (ନି.ପ୍ର): ଗତ ୩ ଦିନ ଧରି ପାଉଁଶକଣା ଓ ଧଳାଧୂଆଁରେ ଆଚ୍ଛାଦିତ ହୋଇଯାଉଛି ଇସ୍ପାତ ସହର । ଘରଦ୍ୱାର, ସବୁଜିମା ଯୁଆଡ଼େ ଦେଖିବ ଧଳାଧୂଆଁ । ଏହି ଧୂଆଁର ପ୍ରଭାବରେ ସହରର ଅନେକ ଅଞ୍ଚଳରେ ବୃଦ୍ଧବୃଦ୍ଧା ଓ ପିଲାମାନେ ଘରୁ ବାହାରି ପାରୁନାହାନ୍ତି । ସମସ୍ତଙ୍କର ଆଖି ଜଳୁଛି । ଠିକ୍ ଭାବେ ବାଟ ଦିଶୁନି । ସକାଳୁ ଆରମ୍ଭ ହୋଇ ମଧାହ୍ନ ପର୍ଯ୍ୟନ୍ତ, ଏପରିକି ତା'ର ଆହୁରି ଘଣ୍ଟେ ଦୁଇଘଣ୍ଟା ପର୍ଯ୍ୟନ୍ତ ଧୂଆଁ ରାଉରକେଲା ଓ ଆଖପାଖ ଅଞ୍ଚଳର ଆକାଶରୁ ହଟୁନି କି ଲୋକଙ୍କ କଷ୍ଟ କମୁନି । ଉଲ୍ଲେଖନୀୟ ଯେ ପ୍ରାୟ ୪ଦିନ ତଳେ ରାଉରକେଲା ଭିତରେ ଥିବା ଦୁର୍ଗାପୁର ପାହାଡ଼ରେ ନିଆଁ ଲାଗିଥିଲା । ଧୂଆଁ ସେହି କାରଣରୁ ହେଉଛି ବୋଲି କେହି କେହି କହୁଥିବାବେଳେ, କେହି କେହି ସନ୍ଦେହ କରୁଛନ୍ତି ଯେ ରାଉରକେଲା ଇସ୍ପାତ କାରଖାନାରୁ ଏହି ଧୂଆଁ ନିର୍ଗତ ହେଉଛି ! ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ନିର୍ଦ୍ଦିଷ୍ଟ ଭାବେ କେଉଁ କାରଣରୁ ସମସ୍ୟା ଉପୁଜିଛି ଜାଣିପାରୁନି ପ୍ରଦୂଷଣ ବିଭାଗ । ବିଷାକ୍ତ ଧୂଆଁରେ ସହରବାସୀ ଘାଣ୍ଟି ହେଉଥିଲେ ମଧ ବନବିଭାଗ, ଜିଲ୍ଲା ପ୍ରଶାସନ କିମ୍ବା



ପ୍ରଦୂଷଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହୁଁ । ଯାହାକୁ ନେଇ ଜନ ଅସନ୍ତୋଷ ବଢୁଛି । ଦୁର୍ଗାପୁର ପାହାଡ଼ରେ ପ୍ରାୟ ପ୍ରତିବର୍ଷ ନିଆଁ ଲାଗୁଛି । ଏହି ନିଆଁରେ ପ୍ରତିବର୍ଷ ଅନେକ ମୂଲ୍ୟବାନ ଗଛ ସହ ପାହାଡ଼ରେ ରହୁଥିବା ଛୋଟ ଛୋଟ ଜୀବଜନ୍ତୁ ପୋଡି ଛାରଖାର ହେଉଛନ୍ତି । କିନ୍ତୁ ସହର ଭିତରେ ଥିବା ଏହି ପାହାଡ଼ର ରିଜର୍ଭ ଜଙ୍ଗଲରେ ମଧ ନିଆଁ ନିୟନ୍ତ୍ରଣ କରିବାରେ ସଂପୃକ୍ତ ବିଭାଗ ସଫଳ ହୋଇ ପାରୁନାହିଁ । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ପାଣ୍ଠି ରହିଥିବାବେଳେ ନିଆଁ ଲିଭାଇବାକୁ ବନବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ ରହିଛି । ସେମାନଙ୍କୁ ତାଲିମ ମଧ ଦିଆଯାଇଛି । ଜିଲ୍ଲାର ବାଙ୍କୀ ଫରେଷ୍ଟ ରେଞ୍ଜର ଚମ୍ପାଝରଣ ନିକଟ କରଡା ଜଙ୍ଗଲରେ ଜଣେ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଉଥିବାବେଳେ ବନବିଭାଗ କର୍ମଚାରୀଙ୍କ ହାତରେ ଧରାପଡିଛି । ଏହି ନିଆଁ ଲଗାଇବା ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ରାଉରକେଲା ବନବିଭାଗ ତାର ତଦନ୍ତ କରୁଛି । ଅନ୍ୟପକ୍ଷରେ ଜଙ୍ଗଲରେ ଲାଗୁଥିବା ନିଆଁ ଆୟତ୍ତ କରିବାକୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ରାଉରକେଲା ଡିଏଫଓ କହିଛନ୍ତି । ରାଉରକେଲା ପ୍ରଦୂଷଣ ବିଭାଗର ସହକାରୀ ପରିବେଶ ଯନ୍ତ୍ରୀ ବିଜୟ ଭୋଇ କହିଛନ୍ତି, କ'ଣ ପାଇଁ ଏମିତି ସମସ୍ୟା ସୃଷ୍ଟି ହୋଇଛି ଜଣାପଡୁନି । ବିଭାଗର ସ୍ୱତନ୍ତ୍ର ଟିମ୍ ଆଜି ରାଉରକେଲା ଇସ୍ପାତ କାରଖାନା ଅଞ୍ଚଳ, ସିଭିଲ ଟାଉନସିପ ଓ ଅନ୍ୟାନ ଇଲାକା ବୁଲି ସ୍ଥିତି ଅନୁଧାନ କରୁଛନ୍ତି । ଧୂଆଁକୁ ଯାଞ୍ଚ କରା ଯାଉଛି । ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସୂଚନାଯୋଗ୍ୟ ଯେ ଏଇ କିଛିଦିନ ହେଲା ସୁନ୍ଦରଗଡ଼ ଜିଲ୍ଲାର ଅନେକ ଅଞ୍ଚଳରେ ଜଙ୍ଗଲରେ ନିଆଁ ଲାଗିଛି । କେବଳ ରାଉରକେଲା ନୁହେଁ, ଉପାନ୍ତ ଇଲାକାର କିଛି ଗାଁର ଲୋକମାନେ ମଧ ଜଙ୍ଗଲ ନିଆଁର ପ୍ରଭାବରେ ଉତ୍ତାପ ଓ ଧୂଆଁରେ ଘାଣ୍ଟି ହେଉଛନ୍ତି । ନିଆଁରେ ମୂଲ୍ୟବାନ ଗଛଲତା ପୋଡ଼ି ପାଉଁଶ ହେଉଥିବାବେଳେ ଅସଂଖ୍ୟ ବନ୍ୟପ୍ରାଣୀଙ୍କ ଜୀବନ ଯାଉଛି । ମହୁଲ ଗୋଟାଇବାଲାଗି ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି ବୋଲି କୁହ ଯାଉଛି ।

# ବାଲ୍ୟବିବାହ ଲୋପ ପାଇଁ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି ,୩୧/୦୩ (ନି.ପ୍ର): ମାଲକାନଗିରି ସଦର ମହକୁମା ସ୍ଥିତ ସଂସ୍କୃତି ଭବନ ପରିସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ଅଧକ୍ଷତାରେ ବାଲ୍ୟବିବାହ ଲୋପ ପାଇଁ ସଚେତନତା କାର୍ଯ୍ୟକ୍ରମରେ ମଂଚାସୀନ ଅତିଥି ବାଲ୍ୟବିବାହ ଦାମ୍ପତ୍ୟ ଜୀବନ ଉପରେ ପ୍ରଭାବ ପକାଉଛି । ବାଲ୍ୟବିବାହ କରିଥିବା ସ୍ୱାମୀ ସ୍ତ୍ରୀ ରକ୍ତହୀନତା ସହ ଅନ୍ୟାନ୍ୟ ରୋଗରେ ପୀଡିତ ହେଉଛନ୍ତି । ସେମାନଙ୍କ ସନ୍ତାନସନ୍ତତିମାନେ ମଧ ମୃତ୍ୟୁ ମୁଖରେ ପଡୁଥିବା ଦେଖିବାକୁ ମିଳୁଛି । ରାଜ୍ୟର ଅନ୍ୟ ଜିଲ୍ଲା ଅପେକ୍ଷା ଏହି ବାଲ୍ୟବିବାହ ପ୍ରଥା ମାଲକାନଗିରି ଜିଲ୍ଲାରେ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି । ଏହାକୁ ରୋକିବା ଦିଗରେ ବ୍ୟାପକ ଜନସଚେନତାର ଆବଶ୍ୟକତା ମୁଖ୍ୟ ଅଭ୍ୟୁଥ୍ ଭାବେ ନବନିର୍ବାଚିତ ଜିଲା ପରିଷଦ ଅଧକ୍ଷା ସମାରୁ ତାଙ୍ଗୁଲ, ବିଧାୟକ ଆଦିତ୍ୟ ମାଢ଼ି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପଜିଲାପାଳ ଅକ୍ଷୟ ଖେମୁଡୁ , ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ୍ତ, ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଜିଲାରୁ ବାଲ୍ୟବିବାହ ରୋକିବା ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଏନେଇ ୫୦ ଦିନିଆ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ହୋଇଥିଲା । ବିଧାୟକ, ସମସ୍ତ ଓ୍ୱାର୍ଡମେମ୍ବର, ସମିତିସଭ୍ୟ, ସରପଂଚ, ଜିଲା ପରିଷଦ ସଦସ୍ୟ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ପ୍ରଶାସନକୁ ସହଯୋଗ କଲେ ବାଲ୍ୟବିବାହ ପ୍ରଥା ଉପରେ ରୋକ ଲାଗିପାରିବ ବୋଲିମତ ପ୍ରକାଶ ପାଇଥିଲା ।

ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସଚେତନତା ସୃଷ୍ଟି ନେଇ ଜିଲା ପ୍ରଶାସନ ପକ୍ଷରୁ ଏବେ ପ୍ରୟାସ ଆରମ୍ଭ ହୋଇଛି ।

# ଭିନ୍ନକ୍ଷମ ଯୁବତୀକୁ ଗର୍ଭବତୀ କରିବା ଓ ଜନ୍ମିତ ଶିଶୁକୁ ବିକ୍ରୀ ଘଟଣା : ପୋଲିସ ନିଜ ଆଡୁ କଲା ତଦନ୍ତ

ମାଲକାନଗିରି,୩୧/୦୩(ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ତେଲରାଇ ପଚାଂୟତର ଏକ ଗ୍ରାମରେ ଜଣେ ଆଦିବାସୀ ଭିନ୍ନକ୍ଷମ ଯୁବତୀ ପଡୋଶୀ ଗ୍ରାମର ଜଣେ ବିବାହିତ ଯୁବକଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିଲେ । ପରବର୍ତୀ ସମୟରେ ଯୁବତୀ ଜଣକ ଗର୍ଭବତୀ ହେବା ସହ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ଏହି ଘଟଣା ଜଣାପଡିବା ପରେ ସମ୍ପୃକ୍ତ ଶିଶୁପୁତ୍ରକୁ ଯୁବକ ଜଣକ ପୀଡିତାଙ୍କ ଅନିଚ୍ଛା ସତ୍ୱେ୧ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିବା ଘଟଣା ଜିଲାରେ ଚାଂଚଲ୍ୟ ଖେଳାଇ ଦେଇଛି । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଛି । ସଂପୃକ୍ତ ଅଭିଯୁକ୍ତଙ୍କ ସମେତ ତାଙ୍କ ପରିବାର ଏବଂ ପୀଡିତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ଆଣି ପଚରା ଉଚରା କରୁଛି ପୋଲିସ । ଖବରରୁ ଜଣାପଡିଛି, ତେଲରାଇ ପଚାଂୟତର ସମ୍ପୃକ୍ତ ପୀଡିତା ବୃଦ୍ଧା ମା ଏବଂ ଭାଇ ଭାଉଜଙ୍କ ସହ ଘରେ ରହିଥିଲେ । ୮ / ୯ ମାସ ତଳେ ପୀଡିତା ଭାଇଙ୍କ ସହ ନିଜ କ୍ଷେତରେ ଥିବା କୁଡିଆ ( ଲାଡି ) କୁ ଯାଇଥିଲେ । ଏହି ସମୟରେ ଭାଇଙ୍କ ଅନୁପସ୍ଥିତିରେ ଯୁବତୀ ଜଣଙ୍କୁ ଏମପିଭି - ୭୭ ଗ୍ରାମର ଶ୍ୟାମଳ ସ୍ୱର୍ଣ୍ଣକାର ଦୁଷ୍କର୍ମ କରିଥିଲେ । ଶ୍ୟାମଲଙ୍କ ପୀଡିତାଙ୍କ ପରିବାର ସହ ପରିଚିତ ଥିବାରୁ ବିଭିନ୍ନ ସମୟରେ ସେ ତାଙ୍କ ଘରକୁ ଯାଇ ଯୁବତୀଙ୍କୁ ଦୁଷ୍କର୍ମ କରୁଥିଲେ । ପୀଡିତା ଜଣଙ୍କ ଭିନ୍ନକ୍ଷମ ଥିବାରୁ ସେ କଥା କହିପାରୁ ନ ଥିଲେ । ଏହା ଜଣାପଡିବା ପରେ ଗ୍ରାମରେ କଙ୍ଗାରୁ କୋର୍ଟ ବସିଲା । କୋର୍ଟରେ ଦାରାଗୁଡା, କୁଞ୍ଜାଗୁଡା, ତେଲରାଇ, ସୁଧାଖୁଣ୍ଟା ଓ ଅନ୍ୟ ଗ୍ରାମର ବରିଷ୍ଠ ଲୋକମାନେ ଉପସ୍ଥିତ ଥିଲେ । ଉକ୍ତ କଙ୍ଗାରୁ କୋର୍ଟରେ ଅଭିଯୁକ୍ତ ଥିବା ଏମପିଭି ଶ୍ୟାମଲ ସ୍ୱର୍ଣ୍ଣକାର ଓ ପୀଡିତା ଉପସ୍ଥିତ ଥିଲେ । ଭୟରେ ପୀଡିତା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ କରିପାରି ନ ଥିଲେ । ଏଠାରେ ଶ୍ୟାମଲ ନିଜ ଦୋଷ ସ୍ୱିକାର କରିବା ସହ ଯାହା ଦଣ୍ଡ ଦେବେ ସେ ତାହାକୁ ମାନିବେ ବୋଲି କହିଥିଲେ । ଶ୍ୟାମଲଙ୍କୁ ୨ ଲକ୍ଷ ୫୦ ହଜାର ଜରିମାନା କରାଯାଇଥିଲା । ଏହି ଅର୍ଥ ବୈଠକରେ ନିଷ୍ପତି ହୋଇଥିଲା । ଶ୍ୟାମଲ ସଙ୍ଗେସଙ୍ଗେ ଅଗ୍ରିମ ୧୦ ହଜାର ଟଙ୍କା ଦେଇ ଜାନୁୟାରୀ ୨୫ ତାରିଖ ସୁଦ୍ଧା ବଳକା ଟଙ୍କା ଦେବ ବୋଲି ପ୍ରତିଶୃତି ଦେଇଥିଲେ । ପରେ ଶ୍ୟାମଲ ୫୦ ହଜାର ଟଙ୍କା ଗାଁ କମିଟିକୁ ଦେଇଥିବା କୁହାଯାଉଛି । ତେବେ କିଏ ନେଇଛି ତାହା ଜଣାପଡିନାହିଁ । ଫେବୃଆରୀ ମାସରେ ଯୁବତୀ ଜଣକ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ । ଏହି ଶିଶୁପୁତ୍ରକୁ ଶ୍ୟାମଲ ଜଣେ ଅଜଣା ଦମ୍ପତିଙ୍କୁ ୧ ଲକ୍ଷ ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି । ଏ ନେଇ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ନିଜ ଆଡୁ ଏହାର ତଦନ୍ତ ଆରମ୍ଭ କରିଛି । ସେହିପରି ମଙ୍ଗଳବାର କାଳିମେଳ ପ୍ରଶାସନ ପକ୍ଷରୁ ମଧ ତଦନ୍ତ ଆରମ୍ଭ ହୋଇଛି । ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦା ମଧ ଏକ ଟିମ୍ ନେଇ ଗ୍ରାମରେ ତଦନ୍ତ ଚଳାଇଛନ୍ତି ।

# ସର୍ବୋଚ୍ଚ ନ୍ୟାୟାଳୟରେ ଅଟକିଛି ଏମସିଏଲ୍ ବିସ୍ଥାପିତଙ୍କ ଭାଗ୍ୟ

ସୁନ୍ଦରଗଡ,୩୧/୦୩ (ନି.ପ୍ର): ହେମଗିରସ୍ଥିତ ମହାନଦୀ ଖୋଲା ମୁହଁ କୋଇଲା ଖଣି (ଏମସିଏଲ) ବିସ୍ଥାପିତଙ୍କ କ୍ଷତିପୂରଣ ସହ ଥଇଥାନ ଓ ପୁନର୍ବାସକୁ ନେଇ କମ୍ପାନି ମନମାନୀ କରୁଥିବା ଅଭିଯୋଗ ରହିଛି । ଏ ନେଇ ବିସ୍ଥାପିତ ବିଭିନ୍ନ ସମୟରେ ପ୍ରତିବାଦ, ଧାରଣା ଦେବା ସହ ନ୍ୟାୟ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହିକ୍ରମରେ ମାମଲାର ବିଚାର ଚାଲିଥିବା ବେଳେ ୨୦୨୧ ନଭେମ୍ବର ୧୭ ତାରିଖରେ ନ୍ୟାୟାଳୟ ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି । ଏହା ମଧରେ ୪ ମାସ ବିତିଯାଇଛି । ରାୟ ଅପେକ୍ଷାରେ ଥିବା ବିସ୍ଥାପିତ ଆଶା, ଆଶଙ୍କାରେ ଦିନ କାଟୁଛନ୍ତି ।

ସୂଚନାଯୋଗ୍ୟ, ଏମସିଏଲ ୧୫ ଖଣ୍ଡ ଗ୍ରାମକୁ ୧୯୮୭ ମସିହାରେ କୋଲବିଅରିଂ ଆଇନ ଅନୁଯାୟୀ, କିଣାବିକାରେ ରହିତାଦେଶ ଜାରି କରି ବହୁ ବର୍ଷ ଧରି କ୍ଷତିପୂରଣ ନଦେବାରୁ ଗୋପାଳପୁର ଗ୍ରାମର ମାଥିଆସ ଓରାମ ୨୦୦୩ ମସିହାରେ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିଲେ ଓ ନ୍ୟାୟାଳୟ ୨୦୦୭ ମସିହାରେ ବିସ୍ଥାପିତଙ୍କ ସପକ୍ଷରେ ଆଦେଶ କରି ନିଯୁକ୍ତି କ୍ଷତିପୂରଣ ଆଦି ପ୍ରଦାନ ପାଇଁ ଏମସିଏଲକୁ ଆଦେଶ କରିଥିଲେ । ଏହା ବିରୁଦ୍ଧରେ ଏମସିଏଲ ୨୦୦୭ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା ।

୨୦୧୦ ମସିହାରେ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଏମସିଏଲ ବିସ୍ଥାପିତଙ୍କ ସପକ୍ଷରେ ରାୟ ଦେଇ ୨୦୦୬ ନୀତି ଓ ୧୮୯୪ ଜମି ଅଧିଗ୍ରହଣ ଆଇନରେ ଗୋପାଳପୁର ଗ୍ରାମକୁ ମଡେଲ ଭାବେ ନେଇ ୬ ମାସ ମଧରେ ସର୍ଭେ ଓ ଦୁଇ ମାସ ମଧରେ ନିଯୁକ୍ତି କ୍ଷତିପୂରଣ ଓ ଥଇଥାନ, ପୁନର୍ବାସ ପାଇଁ କହିବା ସହ ଅନ୍ୟ ୧୫ ଖଣ୍ଡ ଗ୍ରାମ ସରଡେଗା, ଟିକିଲିପଡା, ବଲିଙ୍ଗା, ବାଙ୍କିବାହାଲ, ଗର୍ଜନବାହାଲ, ବାଙ୍ଗୁରକେଲା, କୁଲଡା, କର୍ଲିକଛାର, ସିଆରମାଲ, ଝୁପୁରଙ୍ଗା, ତୁମୁଲିଆ, କିରିପସିରା, ରତନସରା ଓ ଲାଲମା ସଂରକ୍ଷିତ ଜଙ୍ଗଲକୁ ମଧ ସେହିପରି କ୍ଷତିପୂରଣ ଓ ଥଇଥାନ, ପୁନର୍ବାସ ସୁବିଧା ଦେବାକୁ ଆଦେଶ କରିଥିଲେ ।

କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଆଦେଶକୁ ଅବମାନନା କରି ଏମସିଏଲ ବାଙ୍ଗୁରକେଲା ଗ୍ରାମର କିଛି ପରିବାରର ଜମି ଅନ୍ୟ କମ୍ପାନୀରେ ଯିବ କହି ଯୋଗ୍ୟଲୋକଙ୍କୁ ନିଯୁକ୍ତି ନଦେବା , କ୍ଲେମ୍ସ କମିଶନଙ୍କ ଆଦେଶ ଓ ଓଡ଼ିଶା ଥଇଥାନ ପୁନର୍ବାସ ନୀତି ୨୦୦୬ ସଂଶୋଧନକୁ ଏମସିଏଲ ନମାନି ବିସ୍ଥାପିତ ପରିବାର ୧୮ ବର୍ଷରୁ ଉର୍ଦ୍ଧ୍ୱ ପୁଅଝିଅ ଓ ନାତିମାନଙ୍କୁ ନିଯୁକ୍ତି ନଦେଇ ବାରମ୍ବାର ପୁନର୍ବିଚାର ପାଇଁ କୋର୍ଟରେ ଆବେଦନ କରିବା, ଥଇଥାନ ଓ ପୁନର୍ବାସ ସଠିକ ଭାବେ କରାଯାଉ ନଥିବା, ୧୯୯୫ ମସିହାରେ ଟିକିଲିପଡ଼ା ଓ ସରଡେଗା ଗ୍ରାମକୁ ବିସ୍ଥାପିତ କରିଥିବା ସତ୍ତ୍ୱେ ସ୍ଥାୟୀ ଜମିପଟ୍ଟା ଓ ବିସ୍ଥାପିତ ସାର୍ଟିଫିକେଟ ପ୍ରଦାନ କରିନଥିବା, ତୁମୁଲିଆ ଓ ଅନ୍ୟ ଗ୍ରାମଗୁଡ଼ିକୁ ସମୟ ସୀମା ମଧରେ ନିଯୁକ୍ତି ଦେବା ଏବଂ ୨୦୧୩ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବା, ଝୁପୁରୁଙ୍ଗା ଗ୍ରାମକୁ ନୂତନ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ, ରତନସରା ଓ କିରିପସିରା ଗ୍ରାମକୁ ନୂତନ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ସହ ନିଯୁକ୍ତି ଓ ପୁନର୍ବାସ ପ୍ରଦାନ କରିବା, କ୍ଷତିପୂରଣ ପାଇଥିବା ଗୋପାଳପୁର ଓ ଅନ୍ୟ ଗ୍ରାମଗୁଡ଼ିକୁ ସମ୍ପୂର୍ଣ୍ଣ ବିସ୍ଥାପିତ ନକରିବା ପର୍ଯ୍ୟନ୍ତ ଓଡ଼ିଶା ଥଇଥାନ ଓ ପୁନର୍ବାସ ନୀତି ୨୦୦୬ ଅନୁସାରେ ପ୍ରତି ବର୍ଷ ଜାନୁଆରୀ ମାସରେ ସଂଶୋଧିତ କରି ପ୍ରତ୍ୟେକ ୧୮ ବର୍ଷ ପୁଅଝିଅ ଓ ନାତିଙ୍କୁ ନିଯୁକ୍ତି ପ୍ରଦାନ କରିବା, ପୁନର୍ବାସ ପାର୍ଶ୍ୱରେ ପ୍ରତି ପରିବାରକୁ ୧୦ ଡିସିମିଲ ଜମିପଟ୍ଟା ପ୍ରଦାନ ସହ ଘର ତିଆରି ପାଇଁ ୧୪ ଲକ୍ଷ ଟଙ୍କା ଦେବାକୁ ଆବେଦନ ହୋଇଥିଲା । କିନ୍ତୁ ଏମସିଏଲର ମନମୁଖୀ କାର୍ଯ୍ୟ ଓ ବାରମ୍ବାର ପୁନର୍ବିଚାର ଆବେଦନ ଯୋଗୁଁ ବହୁ ବର୍ଷ ଧରି ବିସ୍ଥାପିତମାନେ ନ୍ୟାୟ ପାଇପାରି ନଥିବା ଅଭିଯୋଗ ହୋଇଥିଲା ।

୨୦୧୮ ପର୍ଯ୍ୟନ୍ତ ଗୋପାଳପୁର, ସରଡେଗା, ଟିକିଲିପଡା, ବଲିଙ୍ଗା, ବାଙ୍କିବାହାଲ, ଗର୍ଜନବାହାଲ, ବାଙ୍ଗୁରକେଲା, କୁଲଡା, କର୍ଲିକଛାର ଓ ସିଆରମାଲ ଗ୍ରାମଗୁଡ଼ିକୁ ନିଯୁକ୍ତି କ୍ଷତିପୂରଣ ପ୍ରଦାନ କରିଥିବା ବେଳେ କିଛି ପରିବାରକୁ ପୁନର୍ବାସ କରିଥିଲେ । କିନ୍ତୁ ଆଉ ୪ଟି ଗ୍ରାମ ଝୁପୁରୁଙ୍ଗା, ତୁମୁଲିଆ ଓ କିରିପସିରା ଗ୍ରାମକୁ ବଞ୍ଚିତ କରାଯାଇଥିଲା । କିରିପସିରା ଓ ରତନସରା ଗ୍ରାମକୁ କୋଲଇଣ୍ଡିଆ ଅନ୍ୟ କୋଲବ୍ଲକ ସହ ଆବଣ୍ଟନ କରିଥିବା କହି ଏମସିଏଲ ନିଯୁକ୍ତି ଓ ପୁନର୍ବାସ ପାଇଁ ମନା କରିଥିବା ବେଳେ କିରିପସିରା ଗ୍ରାମ ସର୍ଭେ ପରେ କ୍ଲେମ୍ସ କମିଶନଙ୍କ କ୍ଷତିପୂରଣ ନେଇ ଜନଶୁଣାଣି ନୋଟିସ ଗ୍ରହଣ କରିନଥିଲେ ।

ରତନସରା ମଧ ସର୍ଭେକୁ ବିରୋଧ କରିଥିଲେ । ୧.୯.୨୦୧୫ ମସିହାରୁ କୋଲବିଅରିଂ ଅଞ୍ଚଳରେ ନୂତନ ଜମି ଅଧିଗ୍ରହଣ ଆଇନ ୨୦୧୩ ଲାଗୁହେବା ପରେ ନୂତନ ଜମି ଅଧିଗ୍ରହଣ ଲାଗୁ କରିବା ପାଇଁ କ୍ଲେମ୍ସ କମିଶନଙ୍କ ଠାରେ ଝୁପୁରୁଙ୍ଗା ଓ କିରିପସିରା ମାମଲା ଦାଏର କରିଥିଲେ । କିନ୍ତୁ କ୍ଲେମ୍ସ କମିଶନରେ ପିଟିସନ ଖାରଜ ହୋଇଯାଇଥିଲା । ଏହା ପରେ ଝୁରୁରୁଙ୍ଗା ଗ୍ରାମବାସୀ ସହ ରତନସରା, କିରପସିରା, ଟିକିଲିପଡ଼ା ସରଡେଗା ସର୍ବୋଚ୍ଚ ନ୍ୟାୟାଳୟରେ ନୂତନ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ମାମଲା ଦାଏର କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ମାମଲା ଲଢୁଥିଲେ ।

## ଉତ୍କଳ ଦିବସ



## ବିଶ୍ୱବିଜୟୀ ଦାଶ



ଜୟ ଜଗନ୍ନାଥ।

ଭାରତ ର ପୂର୍ବଉପକୂଳରେ ଥିବା ଏକ ରାଜ୍ୟ। କଳା,ସଂସ୍କୃତି ଓ ଐତିହ୍ୟର ରାଜ୍ୟ ହେଉଛି ଓଡ଼ିଶା।ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଓଡ଼ିଶା ପ୍ରଦେଶ। ଓଡ଼ିଶାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି, ସେଥି ମଧ୍ୟରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ, ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର, ଭୁବନେଶ୍ୱର, ସୂର୍ଯ୍ୟ ମନ୍ଦିର, କୋଣାର୍କ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର। ଇତିହାସ ପୃଷ୍ଠା ଭିତରେ ଉତ୍କଳୀୟମାନଙ୍କର ବୀରତ୍ୱ, ତ୍ୟାଗ, ଆଦର୍ଶ ଓ ପରଂପରା ଚର୍ଚ୍ଚିତ ବିଶ୍ୱବିଖ୍ୟାତ। ଉତ୍କଳର କାରୁକାର୍ଯ୍ୟ, ପର୍ବପର୍ବାଣୀ, ପ୍ରଥା ଓ ପରମ୍ପରା ବିଶ୍ୱବିଦିତ। ୧୯୩୬ ମସିହା ଅପ୍ରେଲ୍ ୧ ତାରିଖରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା ଏବଂ ଏହାର ପୁରାତନ ନାମ ଗୁଡ଼ିକ ହେଲା ଉଡ୍ର ଓ ତ୍ରୁ ଓ କଳିଙ୍ଗ। ଏହି ଦିନ ଟି ପ୍ରତ୍ୟେକ ଓଡ଼ିଆ ତଥା ଓଡ଼ିଶାବାସୀଙ୍କ ସ୍ମରଣୀୟ ଦିବସ। ଓଡ଼ିଆ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତି ହିଁ ଉତ୍କଳ ପ୍ରଦେଶର ଏକ ସ୍ୱତନ୍ତ୍ର ପରିଚୟ ବହନ କରିଛି। ଉତ୍କଳ ଦିବସ ର ମହାନତା ଆଜି ଓଡ଼ିଆ ଜାତିର ଇତିହାସ ଓ ଓଡ଼ିଆ ଜାତି ର ପ୍ରାଚୀନ ଗୌରବ ଓ ଆଭିଜାତ୍ୟ କୁ ମନେପକାଇ ଦେବା ସଂଗେ ସଂଗେ ଆମର ସ୍ୱାଭିମାନ ଜାଗ୍ରତ କରିବା ପାଇଁ ଅଜସ୍ର ପ୍ରେରଣା ଯୋଗାଇଥାଏ।ଉତ୍କଳ ଦିବସ ହିଁ ପ୍ରତ୍ୟେକ ଓଡ଼ିଆ ର ଆତ୍ମବିଶ୍ୱାସ ର ମାପକାଠି।

ଏ ମାଟିର ସୁଯୋଗ୍ୟ ସନ୍ତାନ ମାନଙ୍କ ଅବିଶ୍ରାନ୍ତ ସଂଗ୍ରାମ ଓ ନିସ୍ୱାର୍ଥପର ବଳିଦାନ ଯୋଗୁ ସ୍ୱତନ୍ତ୍ର ଓଡ଼ିଶା ଆତ୍ମପ୍ରକାଶ କରିଥିଲା।ଏହି ଐତିହାସିକ ସଫଳତା ଲାଭ ଦିଗରେ ଓଡ଼ିଶା ମାଟିର ମହାନ୍ ବ୍ୟକ୍ତିବିଶେଷ ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଏପରି ଅନେକ ପ୍ରଥିତଯଶା ମହାମନୀଷୀଗଣ ନିରନ୍ତର ସଂଗ୍ରାମ ଜାରି ରଖିଥିଲେ।ଏହି ଇତିହାସ ର ମୂକସାକ୍ଷୀ ସଂକ୍ଷେପରେ କହିବାକୁ ଗଲେ, ଏକ ସ୍ୱତନ୍ତ୍ର ଓଡ଼ିଶା ଗଠନ ତତ୍କାଳୀନ ପ୍ରକିୟା ନଥିଲା।ବରଂ ଏହା ଆମର ସ୍ୱାଧିନତା ସଂଗ୍ରାମୀ, ସମାଜ ସଂସ୍କାରକ,ସାହିତ୍ୟିକ ଏବଂ ଦୂରଦ୍ରଷ୍ଟାମାନଙ୍କ ବହୁବର୍ଷବ୍ୟାପୀ ଉଦ୍ୟମ ର ଫଳଶ୍ରୁତି ଥିଲା। ୧୮୭୫ରେ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ଏବଂ ଦେଶବ୍ରତୀ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବଙ୍ଗର ତତକାଳୀନ ଲେଫଟନାଂଟ ଗଭର୍ନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେହିଦିନଠାରୁ ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ମୂଳଦୁଆ ପଡ଼ିଥିଲା । ୧୮୮୨ରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଓଡ଼ିଶାର ପ୍ରଥମ ରାଜନୈତିକ ମଞ୍ଚ ଉତ୍କଳ ସଭା ବା ଓଡ଼ିଶା ଆସୋସିଏସନ ଗଠନ କରାଗଲା । ୧୮୯୫ରେ ସେଂଟ୍ରାଲ୍ ପ୍ରୋଭିନ୍ସ ଚିଫ କମିଶନରଙ୍କ ପକ୍ଷରୁ ସମ୍ବଲପୁରର କୋର୍ଟ କଚେରିମାନଙ୍କରୁ ଓଡ଼ିଆ ଭାଷା ସଂପୂର୍ଣ୍ଣ ଉଚ୍ଛେଦ ଏବଂ ହିନ୍ଦୀ ଭାଷାର ପ୍ରଚଳନ ଆରମ୍ଭ କରାଯାଇଥିଲା । ସମ୍ବଲପୁରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଜନ-ଆନ୍ଦୋଳନ ଦେଖାଦେଇଥିଲା । ୧୯୦୧ରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ନେତୃତ୍ୱରେ ରମ୍ଭା ପ୍ରାସାଦରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ବିଚାର ଆଲୋଚନା ହୋଇଥିଲା । ପଶ୍ଚିମ ଓଡ଼ିଶା ପରେ ଦକ୍ଷିଣ ଓଡ଼ିଶାରେ ଉତ୍କଳ ପ୍ରଦେଶ ଗଠନ ପାଇଁ ଏହା ଥିଲା ପ୍ରଥମ ଉଦ୍ୟମ । ଜାତିର ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଉତ୍କଳ ହିତୈଷିଣୀ ଗଠନ କରାଗଲା । ୧୯୦୨ରେ ମାନ୍ଦ୍ରାଜରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ସମ୍ମିଳନୀରେ ମଧୁସୂଦନ ଦାସ ଓ ଗୌରୀଶଙ୍କର ରାୟଙ୍କ ଯୋଗଦାନ ଦେଇଥିଲେ ଏବଂ ଓଡ଼ିଶା ଡିଭିଜନରେ ଗଞ୍ଜାମ ଜିଲ୍ଲାର ମିଶ୍ରଣ ପାଇଁ ଦାବି ଉପସ୍ଥାପନ କରିଥିଲେ । ୧୯୦୩ରେ ମଧୁସୂଦନଙ୍କ ବଳିଷ୍ଠ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ଜନ୍ମଲାଭ କରିଥିଲା । ୧୯୦୫ରେ ସମ୍ବଲପୁର ଜିଲ୍ଲାକୁ ମଧ୍ୟ ପ୍ରଦେଶରୁ କାଢ଼ି ବଙ୍ଗଳା ପ୍ରେସିଡେନ୍ସି ଅନ୍ତର୍ଗତ ଓଡ଼ିଶା ଡିଭିଜନ୍ ରେ ମିଶ୍ରଣ କରାଗଲା । ୧୯୧୭ରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଗୋଟିଏ ପ୍ରଦେଶ ଅନ୍ତର୍ଗତ କରିବାକୁ ମଟେଂଗୁ-ଚେମସଫୋର୍ଡ କମିଟି ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା । ୧୯୨୭ରେ ସାଇମନ୍ କମିସନ୍ଙ୍କ ନିକଟରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବି ଉପସ୍ଥାପନ କରାଗଲା । ୧୯୩୧ରେ ଇଂଲଣ୍ଡରେ ଅନୁଷ୍ଠିତ ଗୋଲ ଟେବୁଲ ବୈଠକରେ ରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଯୋଗ ଦେଇଥିଲେ ଓ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି କରିଥିଲେ । ୧୯୩୩ରେ ପାରଳାଖେମୁଣ୍ଡି, ଜୟପୁର ଜମିଦାରିକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପରିକଳ୍ପନାରୁ ବାଦ ଦେଇ ଶ୍ୱେତପତ୍ର ପ୍ରକାଶ କରାଯାଇଥିଲା । ଏହା ବିରୋଧରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ବିଶାଳ ଜନ ଆନ୍ଦୋଳନ ସୃଷ୍ଟି ହେଲା । ୧୯୩୫ରେ ଭାରତ ଶାସନ ଆଇନ ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ବିଚାରାଧୀନ ରହିଲା । ୧୯୩୬, ଏପ୍ରିଲ ୧- କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଛଅଟି ଜିଲ୍ଲାକୁ ନେଇ ଭାଷା ଭିତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନ ହୋଇଥିଲା । ୧୮୭୫ରୁ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରଦେଶ ଗଠନର ଉଦ୍ୟମ ୧୯୩୬ରେ ଅର୍ଥାତ ୬୧ ବର୍ଷରେ ପୂରଣ ହୋଇଥିଲା।ସାର ଅଷ୍ଟିନ ହବାକ ଓଡ଼ିଶାର ପହିଲା ରାଜ୍ୟପାଳ ଭାବରେ ଶପଥ ନେଇଥିଲେ। ଭାଷା ଭିତ୍ତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ। ଉତ୍କଳ ଦିବସ ଅବସରରେ ସେହି ମହାପୁରୁଷ ମାନଙ୍କୁ ସ୍ମରଣ କରିବା ସହ କୋଟି କୋଟି ପ୍ରଣାମ ଜଣାଉଛି। ଓଡ଼ିଶାର ପ୍ରତ୍ୟେକ ଜନସାଧାରଣଙ୍କୁ ଉତ୍କଳ ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ।


♥ ବି.ଏସସି,ବି.ଇଡ଼ି
(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,
ବାଣପୁର, ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋ: ୬୩୭୦୨୦୮୪୨୮


## ଜନନୀର ଜୟ ଗାନ
### ବାବାଜୀ ଚରଣ ଜେନା



ଜାତିପ୍ରେମି ଯେତେ କର ଆଜି ତୁମେ
ଜନନୀର ଜୟ ଗାନ
ନିସ୍କାମ ଚିତ୍ତରେ ସେବା କରି ଯାଅ
ଢାଳି ତୁମ ମନ ପ୍ରାଣ
ଜୟ ଉତ୍କଳ ଜନନୀ ଜୟ ।
ମିଳେ ନାହିଁ କେବେ ହାଟ ବଜାରରେ
ଖୋଜିଲେତ ଜାତୀୟତା
ସ୍ୱାଭିମାନୀ ପାଖେ ଥାଏ ସିଏ ସଦା
ଅଛି ଯାର ଜାତି ଚିନ୍ତା
ମୁଣ୍ଡ ଟେକି ରୁହ ମାଟି ଭାଷା କୁହ
ରଖ ଜାତି ସ୍ୱାଭିମାନ
ଜୟ ଉତ୍କଳ ଜନନୀ ଜୟ ।
ମାଟି ପାଇଁ ଯିଏ କରି ଅଛି କର୍ମ
ନିଜ ସୁଖ ଛାଡି ଦେଇ
ଧନ୍ୟତା ଜୀବନ ଧନ୍ୟତା ଜନମ
ମରିବି ଅମର ସେଇ
ରଖ ଜାତି ଟେକ ହୋଇ ସର୍ବେ ଏକ
ତେଜି ସବୁ ଅଭିମାନ
ଜୟ ଉତ୍କଳ ଜନନୀ ଜୟ ।
ଯିଏ ଯେଉଁ ଠାରେ ରହି ଥାଅ ତୁମେ
ହୃଦେ ଥାଉ ଜାତିପ୍ରିତୀ
ଭାଗ ଭାଗ ଆଉ ହୁଅ ନାହିଁ ତୁମେ
ଡାକେ ତୁମ ମାଆ ମାଟି
ନିଜ କର୍ମ ସହ ଜାତି କର୍ମ କର
ହୋଇ ତୁମେ ଏକମନ
ଜୟ ଉତ୍କଳ ଜନନୀ ଜୟ ।


♥ ଅହଲ୍ୟା ନିବାସ
ପୋପରଡା, ନୂଆଜାର, କଟକ ୪
ମୋ: ୯୪୩୭୮୩୪୭୧୯




## ବନ୍ଦେ ଉତ୍କଳ ଜନନୀ



### ମୃତ୍ୟୁଞ୍ଜୟ ଡାକୁଆ

ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଭୂମି ଏ
ଉତ୍କଳ ପ୍ରଦେଶ ଜାଣ
ମାଟି କହେ ଏଠି ସର୍ବଧର୍ମ କଥା
ସଦା ଭାଇଚାରା ପ୍ରେମ ।

ସ୍ୱର୍ଣ୍ଣ ଇତିହାସେ ସାଇତା ହୋଇଛି
ଆମ ବିଜୟର ଗୌରବ ଗାଥା
ଚଣ୍ଡାଶୋକ ଯହିଁ ଧର୍ମାଶୋକ ହୁଏ
ଧଉଳି ରେ ଅଛି ଅହିଂସା ବାର୍ତ୍ତା ।

ଭଗ୍ନ ଶିଳାରେ ସେ ମଗ୍ନ ନାୟିକା
ବଜାଏ ନୂପୁର ତାନ
ବିଶ୍ୱ କିର୍ତ୍ତିରାଜୀ କୋଣାର୍କ ମନ୍ଦିର
ସବୁ ଓଡ଼ିଆଙ୍କ ପ୍ରାଣ ।

କେତେ ବେଶଭୁଷା କେତେ ଖାଦ୍ୟପେୟ
କୃଷି ପ୍ରଧାନ ଏ ରାଜ୍ୟ ଆମର
କଳା ସଂସ୍କୃତିରେ ଅତୁଳନୀୟ ଯେ
ଓଡ଼ିଶୀ ନୃତ୍ୟକୁ ବିଶ୍ୱେ ଆଦର ।

ରୁପସୀ ଚିଲିକା ଆନମନା କରେ
ପ୍ରତିଟି ଭାବୁକ ମନ
ଅମୃତ ବକ୍ଷରେ ନଦୀ ବହିଯାଏ
ସୁନ୍ଦର ତା ଗିରି ବନ ।

ବୋଇତ ବନ୍ଦାଣ ଉତ୍ସବ ଜଣାଏ
ସାଧବ ପୁଅର ବାଣିଜ୍ୟ ଯାତ୍ରା
ସାତ ଦରିଆ ତେର ନଈ ଡେଇଁ
ଆମ ଓଡ଼ିଆର ବିଜୟ କଥା ।

କୁଳ ବଧୂ ଯହିଁ ଘର କୁ ଆସିଲେ
ହୁଏ ଲକ୍ଷ୍ମୀ ଠାକୁରାଣୀ
ଏହି ମୋ ସଂସ୍କାର ମହାନ ସଂସ୍କୃତି
ବନ୍ଦେ ଉତ୍କଳ ଜନନୀ ।


♥ ଖୋର୍ଦ୍ଧା
ମୋ: ୯୭୭୭୬୦୧୪୬୬


## ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଓ କର୍ମବୀର ମଧୁସୂଦନ ଦାସ'



### କୌଶିକ କୁମାର ହୋତା

କୀର୍ତ୍ତି କିରୀଟିନୀ ଉତ୍କଳ ଜନନୀ ପ୍ରସବ କରିଛି ଅନେକ ବୀର ଓ ବରପୁତ୍ରଙ୍କୁ । ଉତ୍କଳ ଜନନୀର ଘୋର ଦୁର୍ଦ୍ଦିନ ସମୟରେ ଯଦି କେହିଜଣେ ଆଧୁନିକ ଓଡିଶାର ସ୍ୱାଭିମାନ, ଆତ୍ମସମ୍ମାନ ବୃଦ୍ଧି କରି ପାରିଛି ଏବଂ ନିଜ ସ୍ୱାର୍ଥକୁ ପରିତ୍ୟାଗ କରି ରୋଦନମୟୀ ଉତ୍କଳ ମାତାର ଅଶ୍ରୁକୁ ପୋଛିଦେଇ ତା'ର ସଙ୍କଟମୟ ସମୟରେ ତା'ର ଗୌରବଶ୍ରୀ ବୃଦ୍ଧି କରି ପାରିଛି, ତାହେଲେ ମୁଁ କହିବି ସିଏ ଆଉ କେହି ନୁହନ୍ତି ସିଏ ହେଉଛନ୍ତି ବାରିଷ୍ଟର ମିଷ୍ଟର ମଧୁସୂଦନ ଦାସ । ସୁଦୂର ଇଂଲଣ୍ଡରେ ତତ୍କାଳୀନ ଇଂରେଜ ସରକାରଙ୍କୁ ଚମକାଇ ଦେଇ ଓଡିଶା ବୋଲି ଗୋଟେ ସ୍ୱତନ୍ତ୍ର ପ୍ରଦେଶ ରହିଥିଲା, ରହିଛି ଏବଂ ରହିଥିବ ବୋଲି ଯଦି କେହି ଦୃଢ଼ୋକ୍ତି ପ୍ରକାଶ କରିଥାଏ ତାହାହେଲେ ସିଏ ହିଁ ହେଉଛନ୍ତି ମଧୁ ବାରିଷ୍ଟର ।

'ଜାତି ନନ୍ଦିଘୋଷ ଚଳିବକି ଭାଇ
ସ୍ୱାର୍ଥକୁ ସାରଥୀ କଲେ,
ଟାଣେ କିରେ ଘୋଡା ଦାନାର ତୋବଡା
ଘୋଡା ମୁଖେ ବନ୍ଧା ଥିଲେ ।

ଯାହାଙ୍କ ଉଦାତ୍ତ କଣ୍ଠରେ ନିଃସୃତ ହୁଏ ଏହି ଜାଗରୁକ ବାଣୀ ସେ ହେଉଛନ୍ତି ଓଡ଼ିଆ ଜାତିର କର୍ଣ୍ଣଧାର, ପୁରୁଷସିଂହ ତଥା ପ୍ରଥମ ଓଡ଼ିଆ ମଧୁସୂଦନ ଦାସ । ସେ ନିଃସନ୍ତାନ ଥିଲେବି ପ୍ରତିଟି ଓଡ଼ିଆର ମୂରବି ଥିଲେ । ୧୮୪୮ ମସିହା ଏପ୍ରିଲ ମାସ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରି ଜନ୍ମ ନେଇଥିଲେ ଏହି ଯୁଗଜନ୍ମା ମହାପୁରୁଷ ଯାହାଙ୍କ ବାଲ୍ୟ ନାମ ଥିଲା ଗୋବିନ୍ଦ ବଲ୍ଲଭ । ଗ୍ରାମ ଚାଟଶାଳୀ ଶିକ୍ଷା ପରେ ରେଭେନ୍ସା କଲିଜିଏଟ ସ୍କୁଲ ଓ ପରେ-ପରେ କଲିକତା ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଡିଗ୍ରୀ ହାସଲ କରିବା ପରେ କଲିକତା ମିଶନରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଏବଂ ପରେ-ପରେ ଶିକ୍ଷକତା ପରିତ୍ୟାଗ କରି ଇଂଲଣ୍ଡ ଯାତ୍ରା କରିଥିଲେ । ଓକିଲାତି ଶିକ୍ଷା ଲାଭ କଲା ପରେ ପ୍ରଥମେ କଲିକତା ଓ ପରେ-ପରେ ଓଡିଶାରେ ଜଣେ ସୁଯୋଗ୍ୟ ବାରିଷ୍ଟର ରୂପେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ସୁଦୃଢ ବ୍ୟକ୍ତିତ୍ୱ ଓ ଅକାଟ୍ୟ ଯୁକ୍ତି ପାଖରେ ବହୁ ପ୍ରତିଷ୍ଠିତ ବିଚାରପତିଗଣ ନତମସ୍ତକ ହେଉଥିଲେ କ୍ଷ ସେଥିଲେ ଓଡିଶାର ପ୍ରଥମ ଗ୍ରାଜୁଏଟ, ପ୍ରଥମ ଇଂରାଜୀ ପଢୁଆ ଏମ.ଏ, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ମନ୍ତ୍ରୀ, ଲାଟ ସଭାର ପ୍ରଥମ ଓଡ଼ିଆ ସଭ୍ୟ, ଭାରତୀୟ କଂଗ୍ରେସର ପ୍ରଥମ ଓଡ଼ିଆ ସଭ୍ୟ, ପ୍ରଥମ ଓଡ଼ିଆ ଆଇନ ଅଧ୍ୟାପକ, ପ୍ରଥମ ବିଲାତ ଯାତ୍ରୀ, ଓଡିଶା ସ୍ୱାର୍ଥ ପାଇଁ ଅବୈତନିକ ମନ୍ତ୍ରୀ ହେବାକୁ ଜିଦଧର, ମନ୍ତ୍ରୀ ପଦ ତ୍ୟାଗ କରିବାରେ ମଧ୍ୟ ସେ ପ୍ରଥମ ଓଡ଼ିଆ ମନ୍ତ୍ରୀ, ସେଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟାନ ମଣ୍ଡଳୀର ସଭାପତି, ବିଶ୍ୱବିଦ୍ୟାଳୟର ପ୍ରଥମ ଓଡ଼ିଆ ସଭ୍ୟ ଓ ଆହୁରି ଅନେକ-ଅନେକ । ତାଙ୍କର ଗୁଣ ବଖାଣିଲେ ଦିନ ସରିଯିବ, ରାତି ପାହିଯିବ, ଏକ କାଳଜୟୀ ଇତିହାସ ସୃଷ୍ଟି ହୋଇଯିବ କିନ୍ତୁ କଥା ସରିବନି।

'ଭୂମିକମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ର ଭୂଜା,
ସେହି ତୋର ମାତା, ସେହି ତୋର ଭ୍ରାତା
କର ସେହି ପଦ ପୂଜା ।'

ଆଜକୁ ୮୨ ବର୍ଷ ପୂର୍ବେ ୧୯୩୬ ମସିହା ଏପ୍ରିଲ ପହିଲାରେ ବହୁ ଘାତ-ପ୍ରତିଘାତ, ଆଶା-ନିରାଶାର ଦ୍ୱନ୍ଦ୍ୱ ମଧ୍ୟରେ ଯେଉଁ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇଥିଲା, ତା'ର କର୍ଣ୍ଣଧାର ମଧୁବାବୁଙ୍କ ଏହି ଉଚ୍ଛସିତ ବାଣୀ ଓଡ଼ିଆ ପୁଅଙ୍କ ଆଖିରେ ଲୁହ ନିଗାଡ଼ି ଦେହରେ ଶତସିଂହର ବଳ ସୃଷ୍ଟି କରିପାରିଥିଲା । ସଂସ୍କୃତରେ ଅଛି :-

'ଉତ୍କୃଷ୍ଟ କଳାନାଂ ଦେଶଃ ସ୮ ଉତ୍କଳ୮'


ଯାହାର କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ, ଯାହାର ମନ୍ଦିରମାଳା, ଗିରିବନ କାନ୍ତାର ଧାର୍ମିକ ଓ ଭୌତିକ ବିଭାରେ ବିମଣ୍ଡିତ ତାକୁ ସ୍ୱତନ୍ତ୍ର ପ୍ରଦେଶ ନକରିବା ପାଇଁ ପଡୋଶୀ ରାଜ୍ୟର କୁଚକ୍ରୀ ମାନେ ବହୁ ଚକ୍ରାନ୍ତ କରିଥିଲେ । ଯାହାର ଚଷା, ଓଡଚଷା, ଯାହାର ଭାଷା ଓଡ଼ିଆ, ଯାହାର ଅଧିବାସୀ ଉଡ୍ର, ତାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ମଧୁବାବୁ ଇଂରେଜ ସାହେବ ଜୋନ ବିମ୍ସଙ୍କ ଠାରେ ଦୃଢ଼ଯୁକ୍ତି ଉପସ୍ଥାପନ କରିଥିଲେ । ଯେଉଁ ମାଟିରେ ଶବରିପା, ଲୁଇପା ତାଳ ପତ୍ରର ପୋଥିରେ ଚର୍ଯ୍ୟାଗୀତିକା ଲେଖି ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇଥିଲେ, ଶୁଦ୍ରମୁନୀ ସାରଳା ଦାସ ଅଷ୍ଟମ ଶତାବ୍ଦୀରେ ମହାଭାରତ ମହାକାବ୍ୟ ରଚନା କରିଥିଲେ, ଅତିବଡ଼ି ଜଗନ୍ନାଥ ଦାସ ଭାଗବତ ରଚନା କରିଥିଲେ, ତା'ର ଭାଷା ସାହିତ୍ୟ ଯେ କେତେ ପ୍ରାଚୀନ, ଏହି କଥାକୁ ସିଏ ଦୃଢ ଭାବରେ ଉପସ୍ଥାପନ କରି ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ପାଇଁ ଦାବି କରିଥିଲେ । ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ଅଞ୍ଚଳରୁ ଓଡିଶାକୁ ଅଲଗାକରି ସ୍ୱତନ୍ତ୍ର ଭିତ୍ତିକ କରିବାକୁ ସାହେବ ରିଚାର୍ଡ ଥୋମ୍ପସନଙ୍କୁ ପ୍ରସ୍ତାବ ଦେଇଥିଲେ। ସେ ସାର ସ୍ଟୁଆର୍ଟଙ୍କୁ କଟକରେ ଉତ୍କଳର ଏକତ୍ରିକରଣ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଖାଲି ସେତିକି ନୁହେଁ ଓଡ଼ିଶାର ଶିକ୍ଷ ବିକାଶ ପାଇଁ ମଣ୍ଟେଗୁ-ଜେମ୍ସ ଫୋର୍ଡଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ କ୍ଷ ସେଥିପାଇଁ ସେ ଓଡ଼ିଆ ମାନଙ୍କୁ ଏକଜୁଟ କରି ୧୯୦୨ ମସିହାରେ 'ଓଡ଼ିଆ ସଭା' ଓ ୧୯୦୩ ମସିହା ଡ଼ିସେମ୍ବର ୩୦ ତାରିଖରେ କଟକର ଇଦଗା ପଡିଆରେ ଏକ ବିଧିବଦ୍ଧ ଆଲୋଚନା ନିମନ୍ତେ ସେ 'ଉତ୍କଳ ସମ୍ମିଳନୀ' ମହା ଅଧିବେଶନ ବସାଇଥିଲେ । ସେଇଠି ସୃଷ୍ଟି ହେଲା ଉତ୍କଳ ସମ୍ମିଳନୀର ଜନ୍ମ ଜାତକ । ସେଠାରେ ସେ ଗାଇ ଉଠିଥିଲେ :-


'ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୂରୁବ ଗୌରବ ପୂରୁବ ମହିମା
ପଡୁନାହିଁ କିରେ ତୋର ମନେ ୧।'

ଯାହାଙ୍କ ଦୃଢ଼ ଯୁକ୍ତିରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ସ୍ୱତନ୍ତ୍ର ସ୍ୱୀକୃତି ମିଳିଲା, ସେହି ସାର୍ଥକ ସ୍ୱପ୍ନକୁ ସ୍ୱଚକ୍ଷୁରୁ ଦେଖିବା ପାଇଁ ସେ ମହାପୁରୁଷ କିନ୍ତୁ ନଥିଲେ । ମଧୁସୂଦନ ଦାସଙ୍କୁ ୧୯୦୪ ମସିହାରେ ଭାରତ ସାମ୍ରାଜ୍ୟର ସଚ୍ୟା ବା Companion Of The Indian Empire ଉପାଧିରେ ଭୂଷିତ କରାଯାଇଥିଲା । ସେ କଟକ ଜିଲ୍ଲା ବୋର୍ଡର ଚେୟାରମ୍ୟାନ, ଦିଲ୍ଲୀ ଇଂପେରିଆଲ ଲେଜିସଲେଟିଭ କାଉନସିଲର ନିର୍ବାଚିତ ସଭ୍ୟ ଥିଲେ । ସେ ବଙ୍ଗ ବ୍ୟବସ୍ଥାପକ ସଭାର ସଭ୍ୟ, ପରେ ବିହାର ବ୍ୟବସ୍ଥାପକ ସଭାର ସଭ୍ୟ ହୋଇଥିଲେ । ଓଡିଶାବାସୀଙ୍କ ଆର୍ଥିକ ଉନ୍ନତି ପାଇଁ ଉତ୍କଳ ଟ୍ୟାନେରୀ ନାମକ ଏକ ଜୋତା କାରଖାନା ତିଆରି କରିଥିଲେ । ତାଙ୍କ ପ୍ରଚେଷ୍ଟାରେ କଟକରେ ହୋଇଥିବା ସିଙ୍ଗକାମ ଓ ତାରକସୀ କାମ ସାରା ବିଶ୍ୱରେ ଖ୍ୟାତି ଲାଭ କଲା । ସାମନ୍ତ ମଧୁସୂଦନ, ଯଶସ୍ୱୀ ମଧୁସୂଦନ, ମନସ୍ୱୀ, କର୍ମବୀର ମଧୁସୂଦନ ୧୯୩୪ ମସିହାରେ ମହାପ୍ରୟାଣ ଲାଭ କରିଥିଲେ । ତାଙ୍କରି ପାଇଁ ଫକୀରମୋହନ ଗାଇ ଉଠିଥିଲେ:-

'ଧନ୍ୟ ଧନ୍ୟ ତୁମେ ମଧୁସୂଦନ,
ଉତ୍କଳ ମାତାର ଯୋଗ୍ୟ ନନ୍ଦନ,
ଦେଲ ଉତ୍କଳକୁ ନବଜୀବନ,


♥ କେନ୍ଦ୍ରୀୟ ବିଦ୍ୟାଳୟ,
ରାଇରଙ୍ଗପୁର, ମୟୂରଭଞ୍ଜ,
ମୋ: ୯୪୩୮୭୪୫୬୬୨



## ଜନନୀ ଜନ୍ମଭୂମି
### ଅରୂପ କୁମାର ବିଶ୍ୱାଳ



ଜନନୀ ମୋର ଜନମ ଭୂଇଁ
ଓଡିଶା ତା'ର ନାଆଁ,
ମାଟିର ଏଇ ସରଗ ମୋର
ମିଠା ଲାଗେ ତା ଛୁଆଁ।

ପଣତ ତାର ଶାଗୁଆ ବନ
ଝରଣା ଗାଏ ଗୀତ,
ସୁଲୁସୁଲୁ ତା ପବନ ସତେ
ମୋ ଦେହ ପାଇଁ ହିତ।

କ୍ଷେତରେ ତାର ସୁନା ଫସଲ
ଲହଡି ଭାଙ୍ଗୁଥାଏ,
ଫଳଫୁଲର ମହକ ଭରା
କାହାଣୀ କହୁଥାଏ

କୋଳରେ ତାର ଧରିଛି ମୋତେ
ସ୍ନେହ ମମତା ଦେଇ,
ନିଜକୁ ମଣେ ଧନ୍ୟ ମୁଁ ଅତି
ଏଠି ଜନମ ହୋଇ

ମାଟି ମାଆ ମୋ ବୁଝେ ମୋ କଥା
ବିପଦ ଆପଦରେ,
ରକ୍ଷାକବଚ ସେ ଅଟେ ମୋର
ଏ ସାରା ଦୁନିଆରେ

ନିଜକୁ ମଣେ ମୁଁ ଭାଗ୍ୟବାନ
ଓଡ଼ିଆ ଜାତି ମୋର ,
କେତେ ଯେ ବୀର ଏ ମାଟି ପାଇଁ
କାଟିଣ ଥିଲେ ଶୀର,

ଧରମା ପରି ହେବି ମୁଁ ନିଷ୍ଟେ
ଗଢିବି କୋଣାରକ,
ବାଜିରାଉତ ପରି ମୁଁ ହେବି
ଘୁଞ୍ଚାଇ ଜାତି ଦୁଃଖ

ମଧୁବାବୁଙ୍କ ପରି ମୁଁ ହେବି
କାଳିଆ ଘୋଡା ଚଢି ,
ଉତ୍କଳମଣି ପରି ମୁଁ ହେବି
ଅଧିକ ପାଠ ପଢି

ଜାତିର ମନ ରଖିବା ପାଇଁ
କରୁଛି ଆଜି ପଣ,
ଚେଷ୍ଟା କରିବି ଶୁଝିବା ପାଇଁ
ଏ ମାଟି ମା ରଣ।


♥ ଗୋରଡ଼, ପାରାଦୀପ

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧ ଅପ୍ରେଲ ୨୦୨୨, ଶୁକ୍ରବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଘୋର ବିଶୃଙ୍ଖଳା...

ପୁଣି ବଙ୍ଗଳା ରାଜନୀତି ସମସ୍ତଙ୍କର ସାମ୍ନାକୁ ଆସିଯାଇଛି । ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାରେ କ୍ରମାଗତ ହିଂସା ଓ ଅରାଜକତା ବଢ଼ିଥିବାରୁ ଗୃହଦାହ ସହିତ ମୃତ୍ୟୁ ସଂଖ୍ୟା ପହଞ୍ଚିଗଲାଣି ନଅରେ । ଗୃହଦାହ ସହିତ ପେଟ୍ରୋଲ ବୋମାର ବ୍ୟବହାର ହେତୁ ବୀରଭୂମି ଜିଲ୍ଲାର ବୋଗତୁଇ ଗ୍ରାମରେ ସଶସ୍ତ୍ର ପୁଲିସ ମୁତୟନ ହୋଇଛନ୍ତି । ବୀରଭୂମିରେ ଅରାଜଗତା ନେଇ ମୁଖ୍ୟମନ୍ତ୍ରୀ ମମତା ନିଜ ସପକ୍ଷରେ ଯେତେ ଯୁକ୍ତି ବାଢୁଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ଯୁକ୍ତି ହେଲା, ହାଇକୋର୍ଟ ଜଜ୍‌ଙ୍କ ଦ୍ୱାରା ନୁହେଁ, ବରଂ କେନ୍ଦ୍ରୀୟ ତଦଏ ବ୍ୟୁରୋ ମାମଲାରେ ଅନୁସନ୍ଧାନ କରୁ । ଏହା ଭିତରେ ମୁଖ୍ୟମନ୍ତ୍ରୀ ବାନାର୍ଜୀ ଏକ ତିନିଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଛନ୍ତି । ବଙ୍ଗଳାର ବୋଗତୁଇ ଗ୍ରାମରେ ଗଣହତ୍ୟା ଘଟିଥିଲା ମାର୍ଚ୍ଚ ୨୧ରେ । ଦେଓଚା-ପଚିମର ଏହା ହେଉଛି କୋଇଲା ଖଣି ସମୃଦ୍ଧ ଅଞ୍ଚଳ । ସଂପୃକ୍ତ ଅଞ୍ଚଳରେ ଖଣି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଲାଗି ହେଉଥିବା ଉଦ୍ୟମକୁ ଭାଣ୍ଡାଫୋଡ କରାଯିବା ଅପଚେଷ୍ଟା ପୃଷ୍ଠଭୂମିରେ ନିଜେ ମମତା ସେଠାରେ ଚାରିଦିନିଆ ଗସ୍ତ କରିଥିଲେ । ପ୍ରସ୍ତାବିତ ପ୍ରକଳ୍ପରେ ୦.୧ ନିୟୁତ ଶ୍ରମିକଙ୍କୁ ନିଯୁକ୍ତି ମିଳିବାର ସୁଯୋଗ ଥିବା କଥା ସିଲିଗୁଡ଼ିରେ ଆୟୋଜିତ ସଭାରେ କହିଥିଲେ ମୁଖ୍ୟମନ୍ତ୍ରୀ । ଏହି ପ୍ରକଳ୍ପ ପାଇଁ ଦଶହଜାର ଏକର ଜମି ଅଧିଗୃହୀତ ହେବା ପରେ ଖଣି ଖନନ ସକାଶେ ବୀରଭୂମି ଜିଲ୍ଲାର ପଶ୍ଚିମ ଭାଗରେ ତାହା କାର୍ଯ୍ୟକାରୀ ହେବା କଥା । ଏହି ବିବାଦରୁ ସୃଷ୍ଟି ହେଲା ହିଂସା ଓ ଅରାଜକତା । ଉଭୟ ତୃଣମୂଳ କଂଗ୍ରେସ ଓ ଭାରତୀୟ ଜନତା ପାର୍ଟି ମାମଲାକୁ ନେଇ ବିଧାନସଭା ତଥା ସଂସଦରେ ହୁଲସ୍ଥୂଲ ପରିସ୍ଥିତି ସୃଷ୍ଟି କରିଥିଲେ । ବିଧାନସଭାରୁ ଶୁଭେନ୍ଦୁ ଅଧିକାରୀଙ୍କ ସମେତ ପାଞ୍ଚଜଣ ନିଲମ୍ବିତ ହେଲେ ଏବଂ ଗୃହରେ ଅଭାବନୀୟ ସ୍ଥିତି ଉପୁଜିଲା । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିବା କଥା: ହାଥ୍ରାସ୍, ଉନ୍ନା ଏବଂ ଲଖମୀପୁର ଖେରି ଗଣହତ୍ୟାରେ ସିବିଆଇ ପୀଡ଼ିତଙ୍କୁ ଉପଯୁକ୍ତ ନ୍ୟାୟ ଦେଇ ପାରିଲାକି ? ବିଶ୍ୱ ଭାରତୀ ମ୍ୟୁଜିଅମ୍‌ରୁ ରବୀନ୍ଦ୍ର ନାଥଙ୍କ ନୋବେଲ ପୁରସ୍କାର ପଦକ ଚୋରି ଭଳି ମାମଲାରେ ସିବିଆଇ କି' ନ୍ୟାୟ ଦେଲା ବୋଲି ପ୍ରଶ୍ନ କରିଛନ୍ତି ମମତା । ତାଙ୍କ ରାଜ୍ୟ ସରକାର ଦ୍ୱାରା ନିଯୁକ୍ତ ଏସ୍‌ଆଇଟି ହିଁ ଯଥାଯଥ ପଦକ୍ଷେପ ନେବ । ତେଣେ ସଂସଦରେ ରୂପା ଗାଙ୍ଗୁଲି ବୀରଭୂମି ସ୍ଥିତି ନେଇ କାନ୍ଦି ପକାଇଥିଲେ । ସେହିଭଳି ବିଜେଡିର ସାଂସଦମାନେ କଥିତ ଅରାଜକତା ନେଇ ପ୍ରବଳ ହଟ୍ଟଗୋଳ କରିବାର ଦେଖାଯାଇଥିଲା । ଏହା ତାଙ୍କ ସରକାର ବିରୋଧରେ ବିଜେପିର ଷଡ଼ଯନ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଖ୍ୟାୟିତ କରିଥିବା ବେଳେ ରାଜ୍ୟରେ ସ୍ଥିତି ପୂରାପୂରି ବିଗିଡ଼ି ଯାଇଥିବା ହେତୁ କାଶ୍ମୀର ଭଳି ୩୫୬ ଧାରା ଲଗାଯିବା ସପକ୍ଷରେ ଯୁକ୍ତି ଦର୍ଶାଇଛନ୍ତି ବିରୋଧୀମାନେ । ପରିସ୍ଥିତିକୁ ଦେଖି ରାଜ୍ୟପାଳ ଜଗଦୀପ ଧନକଡ଼ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି । ବଙ୍ଗଳାରେ ରାଜ୍ୟପାଳ ଧନକଡ଼ ହେଉଛନ୍ତି ବିବାଦୀୟ ବ୍ୟକ୍ତି । ସମୟ ସୁବିଧା ଦେଖି କେନ୍ଦ୍ର ବିଶେଷକରି ଗୃହ ବିଭାଗ ରାଜ୍ୟପାଳଙ୍କୁ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେବା ବାହାନାରେ ଆୟୁଧ ସ୍ୱରୂପ ବ୍ୟବହାର କରିବାର ଅନେକ ନଜିର ରହିଛି । ଗତ ବିଧାନସଭା ନିର୍ବାଚନରେ ତୃଣମୂଳର ବିପୁଳ ବିଜୟ ପରେ ଖଣିସମୃଦ୍ଧ ବୀରଭୂମିରେ ଉତ୍ପନ୍ନ ଅରାଜକତାର ଭରପୂର ଫାଇଦା ଉଠାଇବାକୁ ବିଜେପି ତତ୍ପର ହୋଇଛି । ସୁତରାଂ, ବଙ୍ଗଳା ରାଜନୀତିରେ ବିଜେପି-ତୃଣମୂଳ ସଂଘର୍ଷର ଯେତେଶୀଘ୍ର ଅବସାନ ଘଟିବ, ସେତେ ଭଲ । ଅନ୍ୟଥା ଅଯଥା ଅଶାନ୍ତି ପାଇଁ ଏହା ରାସ୍ତା କଢ଼ାଇବ । ବିଜେପି-ବିରୋଧୀ ଶକ୍ତିମାନଙ୍କୁ ଏକାଠି ହେବା ସକାଶେ ମମତା ଆହ୍ୱାନ ଦେଇଛନ୍ତି । ସରକାରଙ୍କ ରାଷ୍ଟ୍ରାୟତ୍ତ ଶିଳ୍ପ ଘରୋଇକରଣ, ଦରଦାମ ବୃଦ୍ଧି ସମେତ ବିଭିନ୍ନ ଜନ-ବିରୋଧୀ ନୀତିର ସମାଲୋଚନା କରି ସମସ୍ତ ରାଜନୈତିକ ଦଳ ଏକ ମଞ୍ଚରେ ସମ୍ମିଳିତ ହୋଇ ତାହା ବିରୋଧରେ କାର୍ଯ୍ୟ କରିବା ଲାଗି ଆହ୍ୱାନ ଦେଇଛନ୍ତି ମମତା । ରାଜନୈତିକ ହିଂସାକୁ ମୁକାବିଲା ପାଇଁ କଟିବଦ୍ଧ ହେବାକୁ ମମତା ଚାହୁଁଛନ୍ତି ।

## ଓଡ଼ିଆ ଭାଷା ଆନ୍ଦୋଳନର ଆଦ୍ୟ ଓଁକାର



ଡକ୍ଟର ଲକ୍ଷ୍ମଣ ସାହୁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଓଡ଼ିଆ ମାନେ ସଂଘବଦ୍ଧ ଭାବରେ ମାତୃଭାଷାର ସୁରକ୍ଷା ଦିଗରେ ଯତ୍ନବାନ ହେବା ସଂଗେସଂଗେ ଓଡିଆ ସ୍ୱାର୍ଥ ବିରୋଧୀ ଶିବଦାସ ଭଟ୍ଟାଚାର୍ଯ୍ୟଙ୍କୁ ବାଲେଶ୍ୱର ଶିକ୍ଷା ମଣ୍ଡଳରୁ ଅନ୍ୟତ୍ର ବଦଳି ନିମନ୍ତେ ଆବେଦନ କରିଥିଲେ । ସର୍ବସ୍ୱ ତ୍ୟାଗକରି ଆପଣାର ଭାଷା ସାହିତ୍ୟର ଅସ୍ତିତ୍ୱ ବଜାୟ ରଖିବାକୁ କାୟମନବାକ୍ୟରେ ଆଗେଇ ଆସିଥିଲେ ଓଡିଆ ଜାତିର ସୁଯୋଗ୍ୟ ସନ୍ତାନଗଣ । ବ୍ୟାସକବି ଫକୀରମୋହନ ସେନାପତି ଓ ଗୌରୀଶଂକର ରାୟ ଏଭଳି ଘଟିସନ୍ଧି ମୁହୂର୍ତ୍ତରେ ସଦର୍ପେ ଦଣ୍ଡାୟମାନ ହୋଇ ଛିଡା ହୋଇଥିଲା ବେଳେ ମଧୁସୂଦନ ଦାସ ଓ ରାଧାନାଥ ରାୟଙ୍କ ଅକୁଣ୍ଠ ସହାୟତାର ହାତ ବଢ଼େଇ ଆନ୍ଦୋଳନକୁ ଆଗେଇ ନେବାରେ ସହାୟକ ହୋଇଥିଲେ । ୧୮୬୬ର ନଅଙ୍କ ଦୁର୍ଭିକ୍ଷର କରୁଣ ପରିଣତି ତତ୍ କାଳୀନ ସରକାରଙ୍କ ନୀତିକୁ ବଦଳାଇ ଦେବାକୁ ସମର୍ଥ ହୋଇଥିଲା । ଇଂରେଜ ସରକାର ସେତେବେଳେ ଓଡ଼ିଆମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରଗତିକୁ ଦୃଷ୍ଟିରେ ରଖି କିଛି ଜନହିତକର କାର୍ଯ୍ୟ କରି ପରିବର୍ତ୍ତନର ଚେଷ୍ଟା କଲେ । ବିଶେଷ କରି ସେସମୟର ବୀମ୍ସ ସାହେବ ଓ ରେଭେନ୍ସା ସାହେବଙ୍କ ନାମ ସ୍ମରଣ କରି ହେବ । ଉଭୟ ସାହେବଙ୍କ ସମୟୋପଯୋଗୀ ପଦକ୍ଷେପ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାକୁ ଦେଇଥିଲା ନିର୍ଭର ପ୍ରତିଶ୍ରୁତି । ଏଠାରେ ଆଉଥରେ ସ୍ମରଣ କରିବା ଉଚିତ୍ ହେବ ଯେ ଜନ ବୀମ୍ସ, ଷ୍ଟର୍ଲିଂ ସାହେବ ଓ ହଣ୍ଟରଙ୍କ ଭଳି ଇଂରେଜ ସାହେବଙ୍କ ଆବିର୍ଭାବ ଓଡ଼ିଆଙ୍କ ସଂକଟ କାଳରେ ଦେବଦୂତ ଭଳି ଆଶୀର୍ବାଦ ମନେହୁଏ । ଇଂରେଜ ହୋଇ ମଧ୍ୟ ସେମାନେ ଓଡ଼ିଶାର କଳା, ସଂସ୍କୃତି, ଇତିହାସ ଓ ପତ୍ନତାତ୍ତ୍ୱିକ ଅଧ୍ୟୟନ କ୍ଷେତ୍ରରେ ସେମାନଙ୍କୁ ଆକୃଷ୍ଟ କରିଥିଲା । ସମୃଦ୍ଧ ଓଡିଶାର କଳାଶିଳ୍ପ ଓ ମନ୍ଦିରର କାରୁକାର୍ଯ୍ୟ ସେମାନଙ୍କୁ ବିସ୍ମିତ କରିଥିଲା । ଅବହେଳିତ ଓଡ଼ିଶାର ପ୍ରାଚୁର୍ଯ୍ୟମଣ୍ଡିତ ଐତିହ୍ୟର ଅନ୍ୱେଷଣରେ ସେମାନେ ବ୍ରତୀ ଥିଲେ । ରେଭେନ୍ସାଙ୍କ ସମୟରେ ଉଚ୍ଚଶିକ୍ଷାର ସମ୍ପ୍ରସାରଣ, ସଂବାଦ ପତ୍ର ପ୍ରକାଶନ ଓ ସାମାଜିକ ଅନୁଷ୍ଠାନମାନ ସ୍ଥାପିତ ହେବା ଦ୍ୱାରା ନୂତନ ଯୁଗର ଅୟାରମ୍ଭ ଘଟିଥିଲା । ଓଡ଼ିଆମାନେ ପାଶ୍ଚାତ୍ୟ ଶିକ୍ଷା ପ୍ରତି ବିମୁଖ ନହୋଇ ଆଗ୍ରହ ପ୍ରକାଶ କରିଥିଲେ ।

ବିଶେଷ କରି ସେ ସମୟରେ ପ୍ରକାଶ ପାଉଥିବା 'ଉତ୍କଳ ଦୀପିକା' ମାଧ୍ୟମରେ ଓଡ଼ିଆ ମାନଙ୍କର ସକଳ ଅଭାବ ଅସୁବିଧା ପ୍ରକାଶ କରାଯାଇ ସରକାରଙ୍କ ଦୃଷ୍ଟିକୁ ଅଣାଯାଉଥିଲା । ଉତ୍କଳ ଦୀପିକା ଭାଷା ବିଲୋପ ବିରୋଧୀ ଆନ୍ଦୋଳନକୁ ସୁସଂଗଠିତ କରି ଗଢିତୋଳିବାରେ ଏକ ଅଗ୍ରଣୀ ଭୂମିକା ନେଇଥିଲା । ସଂପାଦକ କର୍ମବୀର ଗୌରୀଶଙ୍କର ରାୟଙ୍କ ଦ୍ୱାରା ଭାଷା ଓ ସାହିତ୍ୟ ପ୍ରସଂଗରେ ଏହା ଜାଗ୍ରତ ପ୍ରହରୀ ସଦୃଶ୍ୟ କାର୍ଯ୍ୟ ନିର୍ବାହ କରିଥିଲା । ତତ୍ କାଳୀନ ଓଡ଼ିଶାର ଜାତୀୟ ଜୀବନ କ୍ଷେତ୍ରରେ ଉତ୍କଳ ଦୀପିକା ଥିଲା ଜନଜାଗରଣର ପ୍ରକୃଷ୍ଟ ବାର୍ତ୍ତାବହ ଶ୍ରେଷ୍ଠ ପତ୍ରିକା । ଉତ୍କଳ ଜାତିର ଘନ ଅନ୍ଧକାର ଦିଗନ୍ତରେ ଦୀପିକା ଥିଲା ଏକ ଅନିର୍ବାଣ ଦୀପଶିଖା । ବିଜାତୀୟ ହୀନ ଷଡ଼ଯନ୍ତ୍ରକାରୀ ବଙ୍ଗାଳୀ ମାନଙ୍କ ଭାଷା ବିଲୋପ ଯୋଜନାକୁ ପ୍ରତିରୋଧ କରିବାରେ ପ୍ରମୁଖ ଭୂମିକା ନେଇ ଶଙ୍କାକୁଳ ଓଡ଼ିଆଙ୍କ ପ୍ରାଣରେ ଆଣି ଦେଇଥିଲା ଗଭୀର ଆଶ୍ୱାସନା ଓ ସାହସ । ସେହି ସମୟରେ କଟକ ଓ ବାଲେଶ୍ୱର ଆଦି ଜିଲ୍ଲାରେ ଶିକ୍ଷିତ ଓଡ଼ିଆମାନେ ସାମାଜିକ ସଂସ୍ଥା ମାଧମରେ ଏକତ୍ରିତ ହୋଇ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ । ସେମାନେ ବୁଝିପାରି ଥିଲେ ବିନା ଏକତ୍ରିକରଣରେ ଓଡ଼ିଶାର ଆର୍ଥିକ ଓ ସାମାଜିକ ପ୍ରଗତି ଅସମ୍ଭବ ହୋଇ ପଡିବ । ଭାଷା ଆନ୍ଦୋଳନରୁ ଉତ୍ପନ୍ନ ଜାତୀୟତା ଶେଷରେ ରାଜନୈତିକ ଆଭିମୁଖ୍ୟ ଗ୍ରହଣ କରିଥିଲା । ଯାହାର ମୁଖ୍ୟ ପୁରୋଧା ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ।

ଉତ୍କଳ ଗୌରବ ମଧୁସୂଦନ 'ଉତ୍କଳ ସମ୍ମିଳନୀ' ଗଠନ କରି ଓଡ଼ିଶାର ସ୍ୱତନ୍ତ୍ର ସ୍ଥିତି ଓ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଆପ୍ରାଣ ଲଢେଇ କରିଥିଲେ । ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ଗୋଟିଏ ମଣ୍ଡପରେ ଏକତ୍ରିତ ହେବାର ପରିକଳ୍ପନା ତାଙ୍କର ସାର୍ଥକ ହୋଇଥିଲା । ବର୍ଷ-ବର୍ଷ ଧରି ମୋହନିଦ୍ରାରେ ଶାୟିତ ଓଡ଼ିଆମାନଙ୍କୁ ଜାଗ୍ରତ କରିବା ନିମନ୍ତେ ଉତ୍କଳ ସମ୍ମିଳନୀର ସଭାମଞ୍ଚରୁ ସେ ଉଚ୍ଚାରଣ କରିଥିଲେ- 'ଜାତି ପ୍ରେମ ବହ୍ନି ପ୍ରଜ୍ଜଳିତ କର / ସ୍ୱାର୍ଥକୁ ଦିଅ ଆହୁତି / ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ / ଛାତିକୁ ମିଶାଇ ଛାତି ।' ଏହା କେବଳ ଏକ ସାଧାରଣ ପଂକ୍ତି ନଥିଲା, ବରଂ ଥିଲା ଆତ୍ମୋପଲବ୍ଧିର ମାର୍ମିକ ଆବେଗ ପୂର୍ଣ୍ଣ ଅଭିବ୍ୟକ୍ତି । ଆତ୍ମବଳିଦାନ ଦେବାର ବ୍ୟାକୁଳ ଆହ୍ୱାନ ସମଗ୍ର ଉତ୍କଳ ବାସୀଙ୍କୁ ଗଭୀର ଭାବରେ ସ୍ପର୍ଶ କରିଥିଲା- 'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ / ପୂରୁବ ଗୌରବ ପୁରୁବ ମହିମା ପଡ଼ିବ କି କେବେ ମନେ ।' ମଧୁସୂଦନଙ୍କ ଏଭଳି ଉଦ୍‌ବୋଧନ ଓଡ଼ିଆଙ୍କ ପ୍ରାଣସ୍ପନ୍ଦନରେ ସ୍ପନ୍ଦିତ କରିଥିଲା । ଓଡ଼ିଆ ଭାଷାର ଉନ୍ନତି ଓ ଓଡ଼ିଆ ମିଶ୍ରଣ ଭାବକୁ ଯେଉଁ କତିପୟ ଉଜ୍ଜୀବିତ କରିବାକୁ ଆଗେଇ ଆସିଥିଲେ ସେମାନଙ୍କ ମଧ୍ୟରେ ଖଲ୍ଲିକୋଟ ରାଜା ସାହେବ ହରିହର ମର୍ଦ୍ଦରାଜ, ପାରଳାର ଶ୍ୟାମସୁନ୍ଦର ରାଜଗୁରୁ, ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଭଞ୍ଜ ଦେଓ, କେନ୍ଦୁଝରର ମହାରାଜା, ଜୟପୁର ରାଜା ବିକ୍ରମ ଦେବ ବର୍ମା, ଧରାକୋଟର ରାଜା ମଦନମୋହନ ସିଂହ ଦେଓ, ତାଳଚେରର ରାଜା କିଶୋର ଚନ୍ଦ୍ର ବୀରବର ହରିଚନ୍ଦନ, କନିକା ରାଜା ପ୍ରମୁଖଙ୍କ ଅବଦାନ ମଧ୍ୟ ସ୍ମରଣୀୟ । ଏତତ୍ ବ୍ୟତୀତ ସୁଦାମ ଚରଣ ନାୟକ, ବ୍ରଜ ସୁନ୍ଦର ଦାସ, ହରିହର ପଣ୍ଡା, ଗୋପବନ୍ଧୁ ଦାସ, ଫକୀରମୋହନ ସେନାପତି, ଶୋଭା ଚନ୍ଦ୍ର ସିଂହଦେଓଙ୍କ ଭୂମିକା ଅବର୍ଣ୍ଣନୀୟ । ସେତେବେଳେ ସିଂହଭୂମିର କିଶୋର ଚନ୍ଦ୍ର ଦେବ ଓଡ଼ିଆ ଭାଷା ଓ ସଂସ୍କୃତିର ପୁନର୍ଜାଗରଣ ପାଇଁ ଆହ୍ୱାନ ଦେଇ ଗାଇଥିଲେ - ଓଡ଼ିଆ ଆମ୍ଭ ମାତୃଭାଷା ଓଡ଼ିଆ ଆମ୍ଭ ପ୍ରାଣ / ଓଡ଼ିଶା ଦେଶରେ ଜନ୍ମ ଆମର ଓଡିଆର କରୁ ଟାଣ / ଆସ ଆସ ଭାଇ ମନ ପ୍ରାଣ ଦେଇ ରଖିବା ଓଡ଼ିଆ ମାନ / କହିବା ଓଡ଼ିଆ, ପଢିବା ଓଡ଼ିଆ ଗାଇବା ଓଡ଼ିଆ ଗାନ ।'

ସଂକ୍ଷିପ୍ତତା ଦୃଷ୍ଟିରୁ ବହୁ କତିପୟ ସଂଗ୍ରାମୀ, କବି, ସର୍ବୋପରି ଜାତିସ୍ମର ମାନଙ୍କୁ ଉଲ୍ଲେଖ କରିବା ସମ୍ଭବ ହେଉନାହିଁ । ତା' ସତ୍ତ୍ୱେ ସେମାନଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ଓ ରହିଛି । ଭାଷା ବିନା କୌଣସି ଜାତିର ଆତ୍ମ ପରିଚୟ ନାହିଁ । ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ଆନ୍ଦୋଳନ ଘଟିନଥିଲେ ହୁଏତ ଓଡ଼ିଆ ଜାତିର ସ୍ଥିତି ଆଜି ନଥାନ୍ତା । ତେଣୁ ଏଭଳି ଏକ ମୁହୂର୍ତ୍ତରେ ପ୍ରଥମେ ମା' ମାଟି ଓ ମାତୃଭାଷା ପ୍ରତି ଅନୁରାଗ ଜାଗ୍ରତ ହେବା ଆବଶ୍ୟକ । କାରଣ ମା, ମାଟି ଓ ମାତୃଭାଷା ଚିର ନମସ୍ୟ.. ବନ୍ଦେ ଉତ୍କଳ ଜନନୀ..!!! (ସମାପ୍ତ)

❤ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ: ୯୦୪୦ ୧୫୧୪ ୭୫

## ବନ୍ଦେ ଉତ୍କଳ ଜନନୀ



ରମେଶ ଚନ୍ଦ୍ର ନାୟକ

'ଉତ୍କଳ ଦିବସ' - ୨୦୨୨ର ଶୁଭ ଓ ପବିତ୍ର ଅବସରରେ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ଦିନଥିଲା ଓଡ଼ିଶା ତା'ର ସାମାଜିକ, ଅର୍ଥନୈତିକ, ଧାର୍ମିକ, ସାଂସ୍କୃତିକ ଓ ସାମରିକ ବିଭବରେ ସମଗ୍ର ପୃଥିବୀରେ ପରିଚିତ ହୋଇଥିଲା। କଳିଙ୍ଗ, କୋଶଳ, ତୋଷଳ, ଉଡ୍ର, ଉତ୍କଳ ଇତ୍ୟାଦି ନାମରେ ପରିଚିତ ଏହି ଓଡ଼ିଶା ତା'ର ଐତିହାସିକ ସ୍ଥିତି ପ୍ରତିପାଦିତ କରିଆସିଛି। ମାତ୍ର ଆଜିର ପରିବର୍ତ୍ତନଶୀଳ ଦୁନିଆରେ ସବୁକିଛି ପରିବର୍ତ୍ତନ ହେଉଥିବାବେଳେ ଓଡ଼ିଆ ପ୍ରୀତି ହ୍ରାସ ପାଇବାରେ ଲାଗିଛି। ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ସକାଶେ ଜନ ଆନ୍ଦୋଳନ, ବହୁ ମନୀଷୀ ଓ ଚିନ୍ତାନାୟକ ମାନଙ୍କର ଅବିରତ ପ୍ରଚେଷ୍ଟା ଓ ଦେଶ ଜାତି ପ୍ରୀତିର ଫଳଶ୍ରୁତି ସ୍ୱରୂପ ୧୯୩୬ ମସିହା ଏପ୍ରିଲ ପହିଲାରେ ଭାଷା ଭିତ୍ତିରେ ଗଢି ଉଠିଥିଲା ଦେଶର ପ୍ରଥମ ରାଜ୍ୟ ଓଡ଼ିଶା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଯୋଗଜନ୍ମା ମନୀଷୀମାନଙ୍କ ମଧ୍ୟରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବୈକୁଣ୍ଠ ନାଥ ଦେ, ପଣ୍ଡିତ ନୀଳକଣ୍ଠ ଦାସ, ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଗଙ୍ଗାଧର ମେହେର, ମା' ରମାଦେବୀଙ୍କ ପରି ଅସଂଖ୍ୟ ଓଡ଼ିଆ ପ୍ରାଣ ଓ ଯୁଗପୁରୁଷଙ୍କୁ ଉତ୍କଳ ଦିବସ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

ଦିନ ଥିଲା ପ୍ରାଚୀନ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଓଡ଼ିଶାର ସାହସୀ ବଣିକ ଜାତି ଜାଭା, ସୁମାତ୍ରା, ବାଲି ପ୍ରଭୃତି ସ୍ଥାନକୁ ନୌଯାତ୍ରା କରି ସେଠାରେ ବାଣିଜ୍ୟ ସହିତ ଏ ରାଜ୍ୟକୁ ସମୃଦ୍ଧଶାଳୀ କରିଥିଲେ । ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଏବଂ ସାହିତ୍ୟର ଉନ୍ନତି ଚରମ ସୀମାରେ ଉପନୀତ ହୋଇଥିଲା। ମାତ୍ର କାଳଚକ୍ର ତଳେ ସେହି ଗୌରବମୟ ଐତିହ୍ୟ ପେଷି ହୋଇଯାଇଥିଲା । ଓଡ଼ିଶା ଥିଲା ଶେଷ ପ୍ରଦେଶ, ଯାହା ୧୮୦୩ ମସିହାରେ ବ୍ରିଟିଶ ଶାସନାଧୀନ ହୋଇଥିଲା। କିନ୍ତୁ ଏହା ପ୍ରଥମ ପ୍ରଦେଶ ଥିଲା, ଯେଉଁଠି ୧୮୧୭ ମସିହା ପାଇକ ବିଦ୍ରୋହ ରୂପକ ଭାରତୀୟ ଜାତୀୟତାବାଦୀ ଆନ୍ଦୋଳନର ସୂତ୍ରପାତ ଘଟିଥିଲା। ଏହି ଆନ୍ଦୋଳନ ସାରା ଦେଶରେ ଜାତୀୟ

ସଚେତନତାର ମଞ୍ଜି ବୁଣିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। ବ୍ରିଟିଶ ଶାସକ ଏହି ଓଡ଼ିଶା ଭୂଖଣ୍ଡକୁ ସ୍ୱାର୍ଥ ଭିତ୍ତିରେ ଭାଗ ଭାଗ କରି ବିଭିନ୍ନ ପ୍ରଦେଶ ଅଧୀନରେ ରଖିବା ସହ ଏହି ଭୂଖଣ୍ଡକୁ ଦୁର୍ବଳ କରିଦେବାକୁ ଚକ୍ରାନ୍ତ କରିଥିଲେ। ତେବେ ସେ ଯାହା ହେଉ, ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡିକୁ ଏକତ୍ରିତ କରି ଗୋଟିଏ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଦାବି ଜୋର ଧରିଥିଲା। ଊନବିଂଶ ଶତାବ୍ଦୀର ଶେଷ ଆଡକୁ ଏହି ଓଡ଼ିଆ ଆନ୍ଦୋଳନ ତୀବ୍ରତର ହୋଇଥିଲା। ବହୁ ବିଶିଷ୍ଟ ନେତୃବୃନ୍ଦଙ୍କ ଆକ୍ଲାନ୍ତ ପରିଶ୍ରମ ଯୋଗୁଁ ୧୯୩୬ ମସିହା ଅପ୍ରେଲ୍ ପହିଲାରେ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ସାକାର ହୋଇଥିଲା।

ଉଭୟ ଦକ୍ଷ ମାନବ ସମ୍ବଳ ଏବଂ ପ୍ରାକୃତିକ ସମ୍ବଳର ଭରା ଆମର ଏ ରାଜ୍ୟ ଓଡ଼ିଶା। ଓଡ଼ିଶାର ସମୃଦ୍ଧ ଐତିହାସିକ ଓ ସାଂସ୍କୃତିକ ପରମ୍ପରା ଏହାର ସର୍ବାଙ୍ଗୀନ ବିକାଶ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେଇଥାଏ। ଏହାର ଅନୁକୂଳତମ ଜଳବାୟୁ, ଉର୍ବର ମୃତ୍ତିକା, ଖଣିଜ ସମ୍ପଦ, ସାମୁଦ୍ରିକ ବେଳାଭୂମି ଏବଂ ପରିଶ୍ରମୀ ଜନଗଣ ଏହି ପ୍ରଦେଶର ବିକାଶ ନିମନ୍ତେ ଯଥେଷ୍ଟ ଅବଦାନ ରଖିଥାନ୍ତି। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଏହାର ଗୌରବ ବଜାୟ ରଖିବା ସହ ବିଭିନ୍ନ କ୍ଷେତ୍ରରେ ଅନ୍ୟ ପ୍ରଦେଶ ଠାରୁ ଆଗରେ ରହିଛି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଉତ୍କଳର ଜନ୍ମ ପର୍ବ

ପ୍ରତାପ ଚନ୍ଦ୍ର ସାହୁ

ପ୍ରଥମ ଭାଷା ଭିତିକ ରାଜ୍ୟ ଭାବେ 'ଉତ୍କଳ' ଜନ୍ମ ଲାଭ କରିଥିଲା ୧୯୩୬ ମସିହା ଏପ୍ରିଲ୍ ପହିଲା ଅର୍ଥାତ ଏକ ତାରିଖ ରେ।ସମଗ୍ର୍ ଦେଶ ରେ ଏକ ମାତ୍ର ଭାଷା ଭିତିକ ରାଜ୍ୟ ଭାବେ 'ଉତ୍କଳ ପ୍ରଦେଶ' ଗଠନ ହୋଇ ଥିଲା। ଏଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କ୍ଷେତ୍ରରେ ଯେଉଁ ମହା ମନିସିମାନଙ୍କର ଅବଦାନ ଥିଲା ସେମାନେ ହେଲେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି, ବ୍ୟାସ କବି ଫକୀର ମୋହନ, ଉତ୍କଳ ମନି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, କର୍ମ ବୀର ଗୌରୀ ଶଙ୍କର ରାୟ୍, ତତ୍କଲିନ୍ ଧରା କୋଟ ରାଜା, ସ୍ୱଭାବ କବି ଗଙ୍ଗାଧର ମେହେର, ରାଧାନାଥ ରାୟ୍, ନୀଳ ମଣି ବିଦ୍ୟା ରତ୍ନ, ଜୟପୁର ରାଜା ବିକ୍ରମ ଦେବ, ରାଜା ସୁଧଲ୍ ଦେବ, ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ଦେଓ, କୁନ୍ତୁଳା କୁମାରୀ ସାବତ, ଅନ୍ୟତମ। ପଶ୍ଚିମଅଞ୍ଚଳରେ ଝଡ଼ ଖଣ୍ଡ ହିନ୍ଦୀ ଭାଷା ଭାସି ଅଞ୍ଚଳ, ଛତିଶ ଗଡ଼ରେ, ଦକ୍ଷିଣରେ ତେଲୁଗୁ ଭାଷା ଭାସି ଅଞ୍ଚଳ ଆନ୍ଧ୍ର ପ୍ରଦେଶ ଏବଂ ଉତ୍ତରରେ ବଙ୍ଗିୟ ଭାଷା ଭାସି ପଶ୍ଚିମ ବଙ୍ଗ ଆଦି ଅଞ୍ଚଳରେ ଓଡ଼ିଆ ଭାଷା ଲୋକେ ତଥା ଓଡିଶା ର ବହୁ ଅଞ୍ଚଳକୁ ଅକ୍ତିଆର ହୋଇ ରହିଥିଲା। ମଧୁ ବାବୁ ଫକୀର ମୋହନ ସେନାପତି ଓ ଗଜପତିଙ୍କ ଅଦମ୍ୟ ଉଦ୍ୟମ ଫଳରେ ବହୁତ ଅଞ୍ଚଳ ସ୍ୱତନ୍ତ୍ର ଉତ୍କଳ ରେ ମିଶା ଯାଇ ପାରିଛି, ତଥାପି ଅଦ୍ୟବଧି ସିଂ ଭୂମି, ସାଢେ ଇ କଲା, ଇଚ୍ଛପୁର, ମନଭୂମି, ବୀର ଭୂମି, ଚକ୍ରଧରପୁର୍ ଫୁଲଝର ପରି କିଛି ବିଚ୍ଛିନା ଞ୍ଚଲ୍ (ଓଡିଶାର) ଅନ୍ୟ ରାଜ୍ୟରେ ରହି ଯାଇଛି। ୧୯୩୬ ମସିହା ଏପ୍ରିଲ୍ ଏକ ତାରିଖରେ ଓଡିଶା ପ୍ରଦେଶ ଏକ ସ୍ୱତନ୍ତ୍ର, ସ୍ୱାଭିମାନ ଏବଂ ସ୍ୱାଭିମାନ ର ସ୍ମାରକ ଦିବସ ରୂପେ ସ୍ୱର୍ଣ୍ଣ ଅକ୍ଷର ରେ ଲିପିବଦ୍ଧ ହୋଇ ରହିବ।ଉତ୍କଳ ସମ୍ମିଳନୀ ମାଧମରେ ତତ୍କଲିନ୍ ଓଡିଶାର୍ ସାମାଜିକ ତଥା ସାଂସ୍କୃତିକ ଚିନ୍ତଧରାକୁ ଏକିଭୁତ୍ କରିବା ପାଇଁ ଯେଉଁ ଆନ୍ଦୋଳନର ସୁତ୍ରପାତ୍ ହୋଇଥିଲା, ତାହା ଏଇ ଏପ୍ରିଲ୍ ପହିଲା ଦିନ ହିଁ ସଫଳ୍ୟ ମଣ୍ଡିତ ହୋଇଥିଲା। ସେତେ ବେଳେ ଉତ୍କଳ ସମ୍ମିଳନୀ ଥିଲା ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ର।ପୂର୍ବ ବର୍ତ୍ତି ଓଡିଶା ଖଣ୍ଡ ବିଖଣ୍ଡିତ ହୋଇ ରହିଥିଲା, ପଶ୍ଚିମ ରେବି, ଦକ୍ଷିଣରେ ବି ଉତ୍ତରରେ ବି ସମ ଦଶା । ବନ୍ଦେ ଉତ୍କଳ ଜନନୀ ହେଲା ଓଡ଼ିଆର ଆତ୍ମା। ପଞ୍ଚାସୁଖା ଯୁଗରୁ ଆଜିର ଆଧୁନିକ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ସମସ୍ତ ସହିତ୍ୟିକଙ୍କର ଅବଦାନ ରହିଛି। ପଲ୍ଲୀରୁ ଦିଲ୍ଲୀ ସବୁଠି ସେଇ ବନ୍ଦେ ଉତ୍କଳ ଜନନୀ ଗାନ୍ ବାଜି ଉଠିବ। ଉପେନ୍ଦ୍ର୍ ଭଞ୍ଜ, ଗୋପୀନାଥ ମହାନ୍ତି, ଅତି ବାଡ଼ି ଜଗନ୍ନାଥ ଦାସ ସମସ୍ତ ଙ୍କର ଉଣା ଅଧିକେ ଅବଦାନ ରହିଛି । ରାଜନୈତିକ ରୋସ୍‌ର ଶିକାର ହୋଇ କିଛି ବିଚ୍ଛିନା ଅଞ୍ଚଳକୁ ଓଡିଶାରେ ମିଶା ଯାଇ ପାରିଲା ନାହିଁ। ଖେ୍ୟାଭ୍‌ର ବିଷୟ। ଜହରି ଫଳରେ ବୃହତ୍ତର୍ ଓଡିଶା ଗଠନ ଅଧୁରା ହୋଇ ରହିଗଲା। ବର୍ତ୍ତମାନ ପରିପ୍ରେକ୍ଷିରେ ସେଇ 'ଉତ୍କଳ ସମ୍ମିଳନୀ' ପୁଣି ଆବଶ୍ୟକତା ଦେଖା ଦେଇଛି। ଆମ ରାଜ୍ୟକୁ ଲାଗି ରହିଥିବାର ସୁରକ୍ଷା ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ଦେଖା ଦେଇଛି। ମଧୁ ବାବୁ ଓ ଗୋପବନ୍ଧୁଙ୍କ ପରି ମହାନ ନେତା ତଥା ଦେଶ ପ୍ରେମୀଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଆଜିର ଦିନରେ ସଂକଳ୍ପ ନେବାର ସମୟ ଆସିଛି । ସେଇ ଉତ୍କଳିୟ୍ ବର ପୁତ୍ର ମାନଙ୍କର ଅବଦାନ ଅତୁଳନୀୟ ଓ ଅବିସ୍ମରନିୟ୍ ।ହରେ କୃଷ୍ଣ ମହତାବଙ୍କର ଅବଦାନ ବି କିଛି କମନ ଥିଲା। ସେମାନେ ବନ୍ଦନିୟ୍, ନମସ୍ୟ । ଆଜି ଓଡିଶା ସେମାନଙ୍କ ନିକଟରେ ଋଣ ଇ । ଆଜିର ଦିନ ଆମ ପାଇଁ ଖୁସିର ଦିନ। ବନ୍ଦେ ଉତ୍କଳ ଜନନୀ।

❤ ନବରଙ୍ଗପୁର

ମୋ: ୯୪୩୭୭୮୮୮୬୦






### ଉତ୍କଳ ଦିବସ

ରମାକାନ୍ତ ଦାସ

ମୋର ଓଡିଶା ମୋର ଉତ୍କଳ
ଭାରତର ଗର୍ବ ମୋ ଉତ୍କଳ
ଗଢିଉଠିଛି କଳା ଏବଂ
ସାହିତ୍ୟ ପାହାଡରୁ
ମୋ ଉତ୍କଳ ମାଟିର ଗାଥା ।

ଦିନେ ପରାଧୀନତାର ଶୃଙ୍ଖଳରେ
ପଡୋଶୀ ରାଜ୍ୟର ଛନ୍ଦରେ
ଛନ୍ଦି ହୋଇଥିଲା ଏ ଉତ୍କଳ ମାଟି
କେତେ ଲୁହ, ରକ୍ତ, ମାଂସରେ ଭିଜିଛି
ଏ ପୁଣ୍ୟ ଉତ୍କଳ ଭୂଇଁ ।

ଗୋରା ସରକାର ଦେଇଥିଲେ
କେତେ ଯେ ଯାତନା
ଏ ମାଟିକୁ ଛିନ୍ନ ବିଛିନ୍ନ କରିବାକୁ
ବହୁତ ପ୍ରୟାସ କରିଥିଲେ
ଏହି ଉତ୍କଳ ମାଟିକୁ ତଳିତଳାନ୍ତ
କରିବାକୁ ବହୁତ ଚେଷ୍ଟା କରିଥିଲେ

କିନ୍ତୁ, ସେ କେବେ ଦୁଃଖୀ ହେଇନି
କାରଣ ଓଡିଆ ପୁଅ ମାନେ
ନିଜ ମାଟି ମାଆ ପାଇଁ
ବଳିଦାନ ଦେଇ ଆସିଥିଲେ
ଏବଂ ଦେଇ ଆସିଛନ୍ତି ।।

ସେଦିନ ବି ମଧ ଏହି ମାଟି ମାଆ ପାଇଁ
କେତେ ମହାପୁରୁଷ ବଳି ପଡିଗଲେ,
କିନ୍ତୁ
କିନ୍ତୁ ମୋ ଉତ୍କଳ ଭୂଇଁକୁ
ସର୍ବହରା ହେବାକୁ ଦେଲେ ନାହିଁ
ଲୁହ, ଲହୁ ଢ଼ାଳି
ନିଜ ଜୀବନକୁ ବାଜିଲଗାଇ
ଆମ ଭାଷାକୁ ସ୍ୱତନ୍ତତାର
ମାନ୍ୟତା ଆଣି ଦେଇଥିଲେ
ସେହି ପବିତ୍ର ଓଡ଼ିଆ ଭାଷାର
ପବିତ୍ରତା ପରିପ୍ରକାଶର ଦିବସ
ଆମ ଉତ୍କଳ ଦିବସ ।

❤ ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର

ମୋ-୯୬୭୮୮୧୫୩୬୯

### ଏଇ ମୋ ଉତ୍କଳ ମାତ

ଆଦ୍ୟାଶା ମହାପାତ୍ର



ଏ ମାଟି ସନ୍ତାନ ବୀର ପୁତ୍ର ଗଣ
ରଖିଲେ ଜାତିର ଟେକ
ଭାଷା ଆନ୍ଦୋଳନ କରିଲେ ପ୍ରଖର
ଉତ୍କଳ ହେଲା ସ୍ୱତନ୍ତ୍ର ।

ଏ ମାଟି ଗର୍ଭରେ ଭରିଛି ସମ୍ପଦ
ଅସୁମାରୀ ବଇଭବ
ଭାଷା ଓ ସାହିତ୍ୟ ଅନନ୍ୟ ସ୍ଥାପତ୍ୟ
ଆମ ସ୍ୱାଭିମାନ ଗର୍ବ ।

କାନନ ତଟିନୀ ଗିରି ସୁଶୋଭିନୀ
ଉତ୍କର୍ଷ କଳାରେ ଦୀପ୍ତ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଏଇ ମୋ ଉତ୍କଳ ମାତ ।

ଶାନ୍ତି ମୈତ୍ରୀ ପ୍ରୀତି ଭାଇଚାରା ଭାବ
ଜାଗ୍ରତ ପ୍ରତି ଅନ୍ତରେ
ସ୍ନେହ ସଦିଚ୍ଛାରେ ସମ୍ପର୍କ ସୁଦୃଢ
ପ୍ରତି ପ୍ରାଣ ଏ ମାଟିରେ ।

କଳା ନୈପୁଣ୍ୟର ନାହିଁ ପଟାନ୍ତର
ପୃଥିବୀରେ ଅଦ୍ୱିତୀୟ
କୋଣାର୍କ ଦେଉଳ ଆମ ଗଉରବ
ଗାଏ ଉତ୍କଳର ଜୟ ।


ପ୍ରସ୍ତର ଦେହରେ କଳା କାରିଗରୀ
ଫୁଟେ ଶିଳ୍ପୀ ନିହାଣରେ
ଓଡିଶୀ ନୃତ୍ୟର ଛନ୍ଦ ପଦପାତ
ବିଖ୍ୟାତ ବିଶ୍ୱ ମଞ୍ଚରେ ।

ସଙ୍ଗୀତ ସଂସ୍କୃତି ବିଜ୍ଞାନ ସ୍ଥପତି
ଦେଶ ବିଦେଶେ ବନ୍ଦିତ
ଉତ୍କଳ ଜନନୀ ପବିତ୍ର ପୟରେ
କୋଟି କୋଟି ପ୍ରଣିପାତ ।

❤ ନୂଆପଡା, କଟକ

### ଉତ୍କଳ ଦିବସ

ପ୍ରଦୀପ୍ତ କୁମାର ଦାସ



ଉତ୍କଳ ଦିବସ ଆଜି...
ଶାନ୍ତି ଭେରୀ ଉଠେ ବାଜି-
ଉତ୍କଳ ମାତାର ଦିବ୍ୟ ଅଧରରେ...
ମୃଦୁ ହସ ଯାଏ ସୃଜି,
ସବୁଠି ଝରଇ ମଧୁ...
ନାଚଇ ପରାଣ ବଧୂ-
ଅନ୍ତର ତଳେ ମୂର୍ଛନା ତୋଳେ...
ମମତାର ମହା ସିନ୍ଧୁ,
ଶୁଭେ ଶୁଭ ସାହାନାଇ...
ମଇତ୍ରୀ ଗୀତିକା ଗାଇ-
ପ୍ରତିଟି ଅନ୍ତରେ ପୀରତି ମହକେ...
ତୃପ୍ତି ପରଷିବା ପାଇଁ,
ପ୍ରତିହିଂସା ଯାଏ ତୁଟି...
ମହଭାବ ପଡ଼େ ଫିଟି -
ବିଶ୍ୱାସ ଆଙ୍କେ ବିଶ୍ୱ ବୁକୁରେ...
ଆତ୍ମୀୟତାର ଝୋଟି,
ଆଜିର ଏ ଶୁଭ କ୍ଷଣେ...
ଅଳି କରେ ଶ୍ରୀଚରଣେ-
ଝରୁଥାଉ ସଦା ଏକତାର ସୁଧା...
ସତ୍ୟ ଶାନ୍ତି ଜାଗରଣେ ।

❤ କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର, ଓଡ଼ିଶା

ପିନ୍-୭୫୫୦୧୩

ମୋ -୮୫୯୪୮୮୫୮୯୮



### କି ସୁନ୍ଦର ମୋ ଓଡ଼ିଶା

ଦିବାକର ନାୟକ



ମୁଁ ଭଲ ତୁମେ ଭଲ
ଭଲ ମୋର ଗାଆଁ ସାହି ପଡ଼ିଶା
କିଏ ଭାଇ ଭଉଣୀ ତ
କିଏ ମାଆ ବାପା କକା ମଉସା
ପ୍ରୀତିଝରା ଏଇ ମନ
ଫୁଲଭରା ଉପବନ
ଆହାଃ କି ସୁନ୍ଦର ମୋର ଓଡ଼ିଶା ।

ଛଅ ଋତୁ ଆସେ ଯାଏ
ପୁଣି କିଛି ଦେଇଥାଏ
ଶ୍ରମଝାଳେ ଏଇ ମାଟି
ଫୁଲ ଫଳେ ହସୁଥାଏ

ଆମ ହାତ ଜଗନ୍ନାଥ ଭରସା..
ଆହାଃ କି ସୁନ୍ଦର ମୋର ଓଡ଼ିଶା ।

ମିଠା ମୋ ଓଡ଼ିଆ ଭାଷା
ମିଠା ଆମ ରାଗରୁଷା
ସୁନ୍ଦର ଯାନୀ ଯାତରା
ମିଠା କାକରା ଆରିଷା

ଆମ ମନେ ନାହିଁ ଘୃଣା ଈର୍ଷା..
ଆହାଃ କି ସୁନ୍ଦର ମୋର ଓଡ଼ିଶା ।

ନଦନଦୀ ଗିରିବନ
ଅତୁଳ ସେ ଶୋଭାବନ
ପକ୍ଷୀର ମିଠା କାକଳି
ଭଅଁର ମିଠା ଗୁଞ୍ଜନ

ଭାରି ଭଲ ଶୀତ ଖରା ବରଷା..
ଆହାଃ କି ସୁନ୍ଦର ମୋର ଓଡ଼ିଶା ।

❤ ପାଟପୁର, କନିସି- ୭୬୧ ୦୦୮ ଗୋଳନ୍ଥରା, ଗଞ୍ଜାମ

ମୋ- ୯୯୩୮୬ ୧୯୯୮୧

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମୁକ୍ତି ସଂଗ୍ରାମୀଙ୍କ ଅବଦାନ



**ମୀରା ବେଉରା**

ଊନବିଂଶ ଶତାବ୍ଦୀରେ ଯେତେବେଳେ ଉତ୍କଳ ଜନନୀ ଛିନ୍ନ ଛିନ୍ନ ହୋଇ ପରିତ୍ୟକ୍ତା ହୋଇ ନିଜର ସ୍ୱତନ୍ତ୍ରତା ହରାଇ ଉତ୍କଳର ବହୁ ଅଞ୍ଚଳ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଆନ୍ଧ୍ରପ୍ରଦେଶ ସହିତ ମିଶି ରହିଥିଲା ଏବଂ ଓଡ଼ିଆ ଭାଷା ତାର ସ୍ୱାଭିମାନକୁ ହରାଇ ଲୁପ୍ତ ହେବାକୁ ବସିଥିଲା ଠିକ୍ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ରାଧାନାଥ ରାୟ, ଗଙ୍ଗାଧର ମେହେର, ନିଳମଣି ବିଦ୍ୟାରତ୍ନ, ମହାରଣା କୃଷ୍ଣଚନ୍ଦ୍ର ଗଜପତି, ନାରାୟଣ ଦେଓ ଆଦି ବ୍ୟକ୍ତି ବିଶେଷଙ୍କୁ ଏହି ଘଟଣା ଖୁବ୍ ବ୍ୟଥିତ କରିଥିଲା। ଓଡ଼ିଆ ଭାଷା ସାହିତ୍ୟକୁ ବଞ୍ଚାଇବା ପାଇଁ ଆପ୍ରାଣ ଉଦ୍ୟମ କରି ଶେଷରେ ଦୃଢ଼ସଂକଳ୍ପବଦ୍ଧ ହୋଇ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବାକୁ ସକ୍ଷମ ହୋଇଥିଲେ।


୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ସହିତ ଓଡ଼ିଆମାନଙ୍କର ଦୁର୍ଦ୍ଦିନ ଆରମ୍ଭ ହୋଇଯାଇଥିଲା। ୧୮୦୩ ରୁ ୧୯୦୩ ଦୀର୍ଘ ଶହେ ବର୍ଷ ଧରି ଓଡ଼ିଆ ଭାଷା କ୍ରମଶଃ ଅବକ୍ଷୟ ପଥରେ ଗତି କରିଥିଲା। ୧୮୪୮-୪୯ ମସିହାରେ ବଙ୍ଗଳାକୁ ସରକାରୀ ଭାଷା ରୂପେ ସ୍ୱୀକୃତି ପ୍ରଦାନ କରାଗଲା। ଓଡ଼ିଶାର ବିଭିନ୍ନ ଉଚ୍ଚପଦବୀ ଅଳଙ୍କୃତ କରିଥିବା ବଙ୍ଗାଳୀମାନେ ଏହାର ସୁଯୋଗ ନେଇ ଓଡ଼ିଶାରୁ ଓଡ଼ିଆ ଭାଷା ବିଲୋପ ପାଇଁ ସତତ ଚେଷ୍ଟିତ ହେଲେ। ପୁନଶ୍ଚ ବାଲେଶ୍ୱର ଜିଲ୍ଲା ସ୍କୁଲର ଜନୈକ ସଂସ୍କୃତ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଥିଲେ ଯେ 'ଉଡ଼ିୟା ଏକ ସ୍ୱତନ୍ତ୍ର ଭାଷା ଦୟ' (ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ) ଏବଂ ଓଡ଼ିଆ ଭାଷା ବଙ୍ଗଳା ଭାଷାର ଏକ ଉପଭାଷା ବୋଲି ସେ ଯୁକ୍ତି ବାଢ଼ିଥିଲେ। ଓଡ଼ିଆ ଭାଷାକୁ ବିଲୋପ କରିବା ପାଇଁ ବଙ୍ଗାଳୀମାନେ ଚକ୍ରାନ୍ତ କରିଥିଲେ। ଓଡ଼ିଶାର ଭାଷା ଆନ୍ଦୋଳନକୁ ତ୍ୱରଣ ଯୋଗାଇଥିଲା ନଅଙ୍କ ଦୁର୍ଭିକ୍ଷ। ଏହି ଦୁର୍ଭିକ୍ଷରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଏକ ତୃତୀୟାଂଶ ଜନତା ମୃତ୍ୟୁମୁଖରେ ପଡ଼ିଥିଲେ। ଠିକ୍ ଏହି ସମୟରେ ଥମାସ୍ ଏରିଚ୍ ରେଭେନ୍ସା ଓଡ଼ିଶାରେ ଶିକ୍ଷାର ବିସ୍ତାର ପାଇଁ ସରକାରୀ କଳକୁ କ୍ରିୟାଶୀଳ କରିଥିଲେ। ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଦ୍ୟାଳୟମାନ ସ୍ଥାପନ କରିଥିଲେ। ଯେଉଁଠାରେ ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା କରାଗଲା। ୧୮୬୮ରେ କଟକ ଜିଲ୍ଲାସ୍କୁଲକୁ ସେ ରେଭେନ୍ସା କଲେଜରେ ପରିଣତ କରିଥିଲେ। ଯାହା ଶିକ୍ଷାର ପ୍ରସାର ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଏବଂ ଏହି କଲେଜରୁ ବାହାରିଥିବା ବୁଦ୍ଧିଜୀବୀମାନେ ଓଡ଼ିଶାର ଭାଷା ଆନ୍ଦୋଳନକୁ ଆଗେଇ ନେଇଥିଲେ।

୧୮୬୬ରେ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା କଟକରେ ପ୍ରିଣ୍ଟିଂ ପ୍ରେସ୍‌ର ସ୍ଥାପନା ଫଳରେ ଏହା ଓଡ଼ିଶାରେ ଭାଷାର ପ୍ରସାର ପାଇଁ ମୁଖ୍ୟଭୂମିକା ଗ୍ରହଣ କରିଥିଲା। ସେହିଠାରୁ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା। ଫକୀର ମୋହନ ସେନାପତି ଏବଂ ରାଜା ବୈକୁଣ୍ଠନାଥ ଦେବଙ୍କ ପ୍ରଚେଷ୍ଟାରେ ବାଲେଶ୍ୱରରେ ସ୍ଥାପିତ ହୋଇଥିଲା ଦୁଇଟି ଛାପାଖାନା। ଏହା ବାଲେଶ୍ୱରରୁ 'ସମ୍ବାଦ ବାହିକା' ଏବଂ 'ଉତ୍କଳ ଦର୍ପଣ' ନାମକ ଦୁଇଟି ଖବର କାଗଜ ପ୍ରକାଶନରେ ସହାୟକ ହୋଇଥିଲା। ଏହି ସବୁ ପତ୍ରପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ପାଇ ଏବଂ ଭାଷା ଆନ୍ଦୋଳନକୁ ତେଜୀୟାନ କରିବା ପାଇ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା। ସେହି ସମୟରେ ବାଲେଶ୍ୱର, କଟକ ତଥା ପୁରୀର ଓଡ଼ିଆମାନେ ବଙ୍ଗାଳୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅପମାନିତ ହେଉଥିଲେ। ପୁରୀର ଜଗନ୍ନାଥ ମନ୍ଦିରରେ ପ୍ରଶାସନ ନିଜ ହାତକୁ ନେବା ପାଇଁ ଇଂରେଜ ସରକାର ଚେଷ୍ଟା କରିଥିଲେ କିନ୍ତୁ ଏହା ବିରୁଦ୍ଧରେ ଲଢ଼ି କୋର୍ଟର ଆଦେଶ ବଳରେ ଗଜପତି ରାଜାଙ୍କୁ ମଧୁବାବୁ ଜଗନ୍ନାଥ ମନ୍ଦିରର ପରିଚାଳନା କ୍ଷମତା ପ୍ରଦାନ କରି ଏକ ଐତିହାସିକ ଗୌରବ ଅର୍ଜନ କରିଥିଲେ। ଏହି ଖବର ସବୁ ଓଡ଼ିଆଙ୍କ ଭିତରେ ନିଜ ଭାଷା ପ୍ରତି ପ୍ରେମଭାବ ଜାଗ୍ରତ କରିଥିଲା। କଟକରୁ ପ୍ରକାଶିତ ପତ୍ରପତ୍ରିକାରେ ବିଭିନ୍ନ ଖବର, ଗୀତ, ଗପ ଆଦି ପ୍ରକାଶିତ ହେବା ଫଳରେ ଓଡ଼ିଆ ଭାଷାର ଗତି ଆଗକୁ ବଢ଼ିଥିଲା। ବାଲେଶ୍ୱରରେ ଫକୀର ମୋହନ ସେନାପତି, ରାଧାନାଥ ରାୟ ଏବଂ ମଧୁସୂଦନ ରାଓ ସେମାନଙ୍କ ଲେଖା ବଳରେ ଓଡ଼ିଆ ଭାଷାକୁ ଲୋକପ୍ରିୟ କରାଇବାକୁ ଲାଗିଲେ। ଏହି ଓଡ଼ିଆ ଭାଷାକୁ କ୍ରିୟାଶୀଳ କରାଇବା ସହିତ ଲୋକମାନଙ୍କୁ ଓଡ଼ିଆ ଭାଷା ତଥା ସାହିତ୍ୟ ପ୍ରତି ଆକୃଷ୍ଟ କରାଇବାରେ ସହାୟକ ହୋଇଥିଲା। ସତ୍ୟବାଦୀଠାରେ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ 'ବନ ବିଦ୍ୟାଳୟ'ରେ ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷାଦାନ ତଥା ସାହିତ୍ୟର ରଚନା ପୁରୀରେ ଓଡ଼ିଆ ଭାଷା ଆନ୍ଦୋଳନକୁ କ୍ରିୟାଶୀଳ କରିଥିଲା। ଏହାର ପ୍ରଭାବ ଓଡ଼ିଶାରେ ପଡ଼ିଥିଲା। ଖଣ୍ଡବିଖଣ୍ଡିତ ଓଡ଼ିଶାକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବିକ୍ରମେ ତୀବ୍ର ହେବାକୁ ଲାଗିଲା। ୧୮୮୨ରେ ବଙ୍ଗର ଲେଫ୍ଟନାଣ୍ଟ ଗଭର୍ଣ୍ଣର ରିଚାର୍ଡ ଥମସନ୍‌ଙ୍କ ଓଡ଼ିଶା ଗସ୍ତ ସମୟରେ କଟକରେ 'ଉତ୍କଳ ସଭା' ତରଫରୁ ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଗାମ, ଜୟପୁର ଏବଂ ସମ୍ବଲପୁରକୁ ଓଡ଼ିଶା ସହିତ ମିଶାଇ ଦେବା ପାଇଁ ପ୍ରାର୍ଥନା କରାଯାଇଥିଲା। ସେଦିନ ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଥିଲେ-

'ମାତୃଭୂମି ମାତୃଭାଷାର ମମତା
ଯାହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ।'

ଏହିପରି ଭାବରେ କବି ଓ ଲେଖକମାନେ ଖଣ୍ଡବିଖଣ୍ଡିତ ଓଡ଼ିଶାର ଓଡ଼ିଆମାନଙ୍କ ଭିତରେ ଚେତନା ଜାଗ୍ରତ କରାଇ ସେମାନଙ୍କୁ ଏକତ୍ରିତ କରିବାର ପ୍ରୟାସ କରିଥିଲେ ଯାହାଫଳରେ ଓଡ଼ିଶା ଏକତ୍ରୀକରଣର ଶୁଭାରମ୍ଭ ହୋଇଥିଲା। ମଧୁବାବୁ ବିହାର ଓଡ଼ିଶା ପ୍ରାଦେଶିକ ଲେଜିସ୍‌ଲେଟିଭ୍ କାଉନସିଲର୍‌ର ସଭ୍ୟଭାବେ ସେ ବାରମ୍ବାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଯୁକ୍ତି ବାଢ଼ିଥିଲେ। ସାଇମନ୍ କମିଶନଙ୍କୁ ସମଗ୍ରଦେଶ ପ୍ରତ୍ୟାଖ୍ୟାନ୍ କରିଥିଲେ ମଧ୍ୟ ମଧୁବାବୁ ଏହାକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ଗଠନର ଦାବିକୁ ଉତ୍‌ଥାପନ କରିଥିଲେ। ଯଦିଓ ୧୯୩୪ ମସିହାରେ ସେ ମୃତ୍ୟୁବରଣ କରିଥିଲେ ମାତ୍ର ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଉଦ୍ୟମ କରିଥିଲେ, ତାହା ବାସ୍ତବିକ ଅବିସ୍ମରଣୀୟ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭୂମିକାରେ ପାରଳାଖେମୁଣ୍ଡିର ମହାରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ପ୍ରଧାନ ଭୂମିକା କିଛି କମ୍ ନଥିଲା। ପ୍ରଥମ ବିଶ୍ୱଯୁଦ୍ଧବେଳେ ୧୯୧୪ରେ ପାରଳାଖେମୁଣ୍ଡିରେ ଉତ୍କଳ ସମ୍ମିଳନୀ ଆୟୋଜନ କରି ସେ ମଧୁବାବୁଙ୍କର ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କରି ପ୍ରଚେଷ୍ଟାରେ ପାରଳାଖେମୁଣ୍ଡି ଏବଂ ଅନ୍ୟାନ୍ୟ ଅଞ୍ଚଳ ମାନ୍ଦ୍ରାଜରୁ ଆସି ଓଡ଼ିଶାରେ ମିଶିଥିଲା। ସେ ଥିଲେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ। ତାଙ୍କରି ପ୍ରଚେଷ୍ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସୃଷ୍ଟି ହୋଇଥିଲା। ୧୯୩୦ରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ମାନ୍ଦ୍ରାଜ ଲେଜିସ୍ ଲେଟିଭ୍ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ। ୨୭ ମେ' ୧୯୩୦ରେ ସାଇମନ୍ କମିଶନର ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହା ଓଡ଼ିଶା ନେତାମାନଙ୍କୁ ବହୁମାତ୍ରାରେ ପ୍ରଭାବିତ କରିବା ସହିତ ସେମାନଙ୍କ ମନରେ ନୂତନ ପ୍ରେରଣା ଭରି ଦେଇଥିଲା। ରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେଓଙ୍କ ପ୍ରଚେଷ୍ଟାରେ ଫିଲିପ୍ ଡଫ୍ କମିଟି ଗଠିତ ହୋଇଥିଲା। ଶେଷରେ ୧ ଏପ୍ରିଲ୍ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ଜନ୍ମ ଦେଇଥିଲା। ଫକୀର ମୋହନ ସେନାପତି, ଗୌରୀଶଙ୍କର ରାୟ, ମଧୁସୂଦନ ଦାସ, କୃଷ୍ଣଚନ୍ଦ୍ର ଗଜପତି, ନାରାୟଣ ଦେଓ ଆଦି ମନିଷୀମାନଙ୍କର ଉଦ୍ୟମରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପରିଗଣିତ ହୋଇଥିଲା। ଆଜି ଏହି ପବିତ୍ର ଦିବସରେ ସେହି ମୁକ୍ତସଂଗ୍ରାମୀ ମାନଙ୍କୁ ଏ ଓଡ଼ିଆ ଜାତି ଶତକୋଟି ପ୍ରଣାମ କରୁଛି ଏବଂ ସମ୍ମାନ ଜଣାଉଛି।

+ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪



# ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଦେବଙ୍କ ଅବଦାନ



**ସୁଧାଂଶୁ ଶେଖର ଦ୍ୱିବେଦୀ**

୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡିଶା ଅଧିକାର କଲେ। ଓଡ଼ିଆ ଜାତି ସହିତ ଆହୁରି ଅନେକ ଜାତିକୁ ଭାଗ ଭାଗ କରି ଏକାଧିକ ପ୍ରଦେଶ ସହିତ ମିଶାଇ ଆମ ସଂସ୍କାର ଓ ଜାତିକୁ କାବୁ କଲେ। ଓଡ଼ିଶାର ଉତ୍ତର ଓ ପୂର୍ବ ଅଞ୍ଚଳ ବଙ୍ଗଳା ସଙ୍ଗେ ,ପଶ୍ଚିମ ଓଡିଶା ମଧ୍ୟ ପ୍ରଦେଶ ସଙ୍ଗେ ଓ ଦକ୍ଷିଣ ଇଦିଶା ମାଡ୍ରାସ ପ୍ରେସିଡେନ୍ସି ସଙ୍ଗରେ ଯୋଡିହୋଇ ରହିଲା।

ବିଛିନ୍ନ ଓଡିଆମାନେ ମରଣାନ୍ତକ ଦୁଃଖ ଯନ୍ତ୍ରଣା ଭୋଗିଲେ। ପୁଣି ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଓଡିଶାକୁ ସଂପୂର୍ଣ୍ଣ ନଷ୍ଟଭ୍ରଷ୍ଟ କରି ଦେଲା। ନଅଙ୍କ ଦୁର୍ଭିକ୍ଷ ପରେ ପରେ ୧୮୬୮ ମସିହାରେ ଇଂଲଣ୍ଡରେ ସେକ୍ରେଟାରୀ ଅଫ ଷ୍ଟେଟସ ସାର ଷ୍ଟାଫୋର୍ଡ କ୍ରିପ୍ସ ଘୋଷଣାନାମା ଜାରି କଲେ ଓଡିଶା ଏବଂ ଆସାମକୁ ସ୍ୱତନ୍ତ୍ର ଶାସନାଧିନରେ ରଖାଯାଉ। ସେହି ବର୍ଷ ଭାରତର ଆକାଉଣ୍ଟାଟ ଜେନେରାଲ ମାନ୍ଦ୍ରାଜ ମଧ୍ୟ ପ୍ରଦେଶ ଓ ବଙ୍ଗଳା ରାଜ୍ୟରୁ ସମଗ୍ର ବିଚ୍ଛିନ୍ନ ଓଡ଼ିଆ ଭାଷୀ ଅଞ୍ଚଳକୁ ମିଶାଇ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବା ପାଇଁ ଇଂରେଜ ସରକାରଙ୍କୁ ପ୍ରବର୍ତ୍ତାଇଲେ। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ବଙ୍ଗଳାର କାନ୍ତିଲାଲ ଭଟ୍ଟା ଚାର୍ଯ୍ୟ, ରାଜେନ୍ଦ୍ର ଲାଲ ମିତ୍ର ଓ ଭୂଦେବ ମୁଖପାଧ୍ୟାୟ ପ୍ରଭୃତି ନେତା ମାନେ ପ୍ରଚାର କଲେ, ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ। ବାସ୍ତବିକ ଏହିପରି ପ୍ରଚାର ବଙ୍ଗ ଭାଷାର ଏକ ବିକୃତ ରୂପ ଥିଲା।

ସେତେବେଳେ ମଧୁ ବାରିଷ୍ଟର,ଫକୀର ମୋହନ ସେନାପତି, ସ୍ୱୟଂ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଦେବ ଏବଂ ଆଉ କେତେକ ନେତୃ ସ୍ଥାନୀୟ ବ୍ୟକ୍ତି ଓଡ଼ିଆ ଭଷା ଓ ଓଡିଶା ରାଜ୍ୟକୁ ସ୍ୱତନ୍ତ୍ର କରିବା ନିମନ୍ତେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଆହ୍ୱାନ ଦେଲେ। ୧୯୦୩ ମସିହାରେ କୂଳବୃଦ୍ଧ ମଧୁସୂଦନଙ୍କ ବାସ ଭବନରେ ଉତ୍କଳ ସମ୍ମିଳନୀର ପ୍ରଥମ ଘରୋଇ ସଭା ବସିଲା। ତାପରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ଦୁଇ ଦିନ ଧରି ପ୍ରଥମ ଅଧିବେଶନ କଟକର ଇଦଗା ପଡ଼ିଆରେ ବିସି ଦେଶ ମିଶ୍ରଣ ପ୍ରସ୍ତାବ ଗୃହୀତ ହେଲା। ପରେ ପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉତ୍କଳ ସମ୍ମିଳନୀ ଅଧିବେଶନ ଅନୁଷ୍ଠିତ ହୋଇ ଦେଶ ମିଶ୍ରଣ ପ୍ରସ୍ତାବକୁ ବାରମ୍ବାର ଦୋହରାଗଲା। ୧୯୧୪ ମସିହା ଡିସେମ୍ବର ୨୬ ଓ ୨୭ ତାରିଖରେ ଉତ୍କଳ ସମ୍ମିଳନୀ ର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ ବସିଲା। ସମ୍ମିଳନୀରେ ସଭାପତି ହେଲେ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ମାମୁ ଜୟପୁର ରାଜା ବିକ୍ରମ ଦେବ ବର୍ମା। ଏହି ଅଧିବେଶନରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଦେବ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଆବଶ୍ୟକ ବୋଲି ପ୍ରସ୍ତାବ ଦେଲେ। ଏହି ସଭାରେ ସିଂହଭୂମ, ଜୟପୁର ଓ ଫୁଲଝର ପ୍ରଭୃତି ଅଞ୍ଚଳରେ ଓଡ଼ିଆ କଚେରୀ ଭାଷା କରିବାକୁ ଓ ଜୟପୁରକୁ ସ୍ୱତନ୍ତ୍ର ଜିଲ୍ଲା କରିବାକୁ ଦାବି



ହୋଇଥିଲା। ଅଧିବେଶନରେ ପାରଳାଖେମୁଣ୍ଡି ରାଜା ୧୦ ହଜାର ଟଙ୍କା ଖର୍ଚ୍ଚ କରିବା ସହିତ ମୂଳ ଉଦ୍ଦେଶ୍ୟ ପୂରଣ ନିମନ୍ତେ ବଦ୍ଧ ପରିକର ହୋଇଥିଲେ। ୧୯୨୭ ମସିହା ନଭେମ୍ବର ମାସ ୭ ତାରିଖ ଦିନ ଭାରତର ଶାସନ ସଂସ୍କାର ନିମନ୍ତେ ସାଇମନ କମିଶନ ବସିଲା। ଶାସନ ତାନ୍ତ୍ରିକ ସଂସ୍କାର ପାଇଁ ସୁପାରିଶ କରିବା ଲାଗି ସାଇମାନ କମିଶନରେ କେହି ଭାରତୀୟ ସଭ୍ୟ ନ ଥିବାରୁ ଜାତୀୟ କଂଗ୍ରେସ ଏହି କମିଶନକୁ ସଂପୂର୍ଣ୍ଣ ରଦ୍ଦ କଲା। ଏଭଳି ପରିସ୍ଥିତି ଜାଣିବା ପରେ ପାରଳାଖେମୁଣ୍ଡି ରାଜା ଦେଶ ମିଶ୍ରଣ ତଥା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସମସ୍ୟାକୁ କମିଶନଙ୍କ ଆଗରେ ଦୃଢ଼ ଭାବେ ଉପସ୍ଥାପନା କରିବା ନିମନ୍ତେ ମାନ୍ଦ୍ରାଜ ଯାତ୍ରା କଲେ। ସେଠାରେ ସେ କମିଶନଙ୍କୁ ସ୍ମାରକ ପତ୍ର ପ୍ରଦାନ କରି ସାକ୍ଷ୍ୟ ଦେଇଥିଲେ। ଶେଷରେ କମିଶନ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ଲାଗି ଅନୁକୂଳ ମତ ଦେଲେ। ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିଚାର କରି ଆବଶ୍ୟକୀୟ ସୁପାରିଶ କରିବା ଲାଗି ମେଜର ଅଟଲୀଙ୍କ ନେତୃତ୍ୱରେ ଏକ କମିଟି ଗଠିତ ହେଲା। ଅଟଲୀ ତାଙ୍କ ରିପୋର୍ଟ ରେ ମାନ୍ଦ୍ରାଜ ଓ ମଧ୍ୟ ପ୍ରଦେଶ ସଙ୍ଗେ ସାମିଲ ହୋଇଥିବା ଓଡ଼ିଆ ଅଞ୍ଚଳକୁ ବିହାର ଓଡିଶା ଡିଭିଜନ ସହିତ ମିଶାଇ ଏକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସପକ୍ଷରେ ମତ ଦେଲେ। ୧୯୩୦ ମସିହା ଲଣ୍ଡନଠାରେ ଭାରତର ଶାସନ ତାନ୍ତ୍ରିକ ସମସ୍ୟା ବିଚାର ପାଇଁ ପ୍ରଥମ ଗୋଲଟେବୁଲ ବୈଠକ ବସିଲା। ସେଥିରେ ଯୋଗଦେବା ନିମନ୍ତେ ବିଚ୍ଛିନ୍ନାଞ୍ଚଳ ମିଶ୍ରଣର ନେତା ଭାବେ ଓଡ଼ିଶାର ପାରଳାଖେମୁଣ୍ଡି ରାଜା ପ୍ରତିନିଧି ଭାବେ ମନୋନୀତ ହେଲେ। ସେଠାରେ ସେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସପକ୍ଷରେ ଇଂରେଜ ଶାସନ କର୍ତ୍ତୃପକ୍ଷଙ୍କୁ ଏକ ସ୍ମାରକ ପତ୍ର ଦେଇଥିଲେ।

ପୁଣି ୧୯୩୧ ମସିହାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ବସିଲା। ତତପୂର୍ବରୁ କରାଚି କଂଗ୍ରେସ ଅଧିବେଶନରେ ଓଡ଼ିଶାର କଂଗ୍ରେସ ପ୍ରତିନିଧିମାନେ ମହାତ୍ମା ଗାନ୍ଧୀଙ୍କୁ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଇଥିଲେ ଏବଂ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଓଡ଼ିଶାର ଦାବି ଉପସ୍ଥାପନ କରିବା ପାଇଁ ଗାନ୍ଧିଜୀ ପ୍ରତିଶ୍ରୁତି ଦେଇଥିଲେ।

ସେହିବର୍ଷ ଡାକ୍ତର ହରେକୃଷ୍ଣ ମହତାବଙ୍କ ସ୍ୱଭାପତିତ୍ୱରେ ପ୍ରଦେଶ କଂଗ୍ରେସ କମିଟି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଦାବି କରି ଏକ ପ୍ରସ୍ତାବ ଗ୍ରହଣ କରିଥିଲେ ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ୱଭାପତିତ୍ୱରେ ଏକ ସାତ ଜଣିଆ କମିଟି ଗଠନ କରା ହୋଇଥିଲା। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ନିମନ୍ତେ ସର୍ବସମ୍ମତ ମତ ପ୍ରକାଶ ପାଇବା ଦେଖି ବ୍ରିଟିଶ ସରକାର ଓଡ଼ିଶାର ସୀମା ନିର୍ଦ୍ଧାରଣ ଲାଗି ସାର ସାମୁଏଲ ଓଡ଼ନେଲଙ୍କ ସ୍ୱଭାପତିତ୍ୱରେ ଏକ କମିଟି ଗଠନ କରାହେଲା। ୧୯୩୧ ମସିହା ସେପଟ୍ଟେମ୍ବର ୧୮ ତାରିଖରେ ଏହି କମିଟି ଗଠନ ହେଲା।କମିଟିରେ ସାର ଓଡନେଲ ଚେୟାରମେନ, ଆସାମର କଂଗ୍ରେସ ନେତା ତରୁଣରାମ ଫୁଲନ ଏବଂ ଭାରତ ଷ୍ଟେଟ କାଉନସିଲର ସଭ୍ୟ ଏଚ.ଏ. ମେହେଟା ସଭ୍ୟ ରହିଲେ। ପରେ ଓଡ଼ିଶାର ଚିଫ ସେକ୍ରେଟାରୀ ବି ସି ମୁଖାର୍ଜୀ ଏଥିରେ ସେକ୍ରେଟାରୀ ହୋଇ ଥିଲେ। ପାରଳାଖେମୁଣ୍ଡି ରାଜା କୃଷ୍ଣଚନ୍ଦ୍ର ଦେବ,ରାୟ ବାହାଦୂର ନରସିଂହ ରାଜୁ ଓ ବିହାରର ସଚ୍ଚିଦାନନ୍ଦ ସିଂହ କମିଟିର ସହଯୋଗୀ ପରାମର୍ଶ ଦାତା ସଦସ୍ୟ ରୂପେ ରହିଲେ। ପାରଳା ଖେମୁଣ୍ଡି ମହାରାଜାଙ୍କ ପ୍ରଗାଢ ଚେଷ୍ଟା ଏବଂ ସଚ୍ଚିଦାନନ୍ଦ ସିଂହଙ୍କ ସଦିଚ୍ଛା ସ୍ୱତନ୍ତ୍ର ଓଡିଶା ପ୍ରଦେଶର ମୂଳଦୁଆ ସ୍ଥାପନରେ ସହାୟକ ହୋଇଥିଲା।

ପରେ ପରେ ଓଡନେଲ କମିଟି ୪୧୦ ଜଣ ବ୍ୟକ୍ତି ବିଶେଷ ଓ ଅନୁ ଷ୍ଠାନର ସାକ୍ଷ୍ୟ ଗ୍ରହଣ କରି ସବୁ ଦିଗରୁ ବିଚାର ଅନୁସାରେ ସୁପା ରିଶ କଲେ। ଓଡିଶା ଡିଭିଜନ, ଅନୁଗୋଳ,ଜୟପୁର ଜିଲ୍ଲାର ଖଡ଼ି ଆଳ ଜମିଦାରୀ ଗଞ୍ଜାମ ଜିଲ୍ଲା ଏବଂ ଭାଇଜାଗ ଏଜେନ୍ସିରେ ଅଧିକାଂଶ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବ।


କିନ୍ତୁ ନୂତନ ଓଡିଶା ପ୍ରଦେଶରୁ ମଞ୍ଜୁସା, ସିଂହଭୂମ, ଫୁଲଝର ଓ ଦକ୍ଷିଣ ପଶ୍ଚିମ ମେଦିନୀପୁର ପ୍ରଭୃତି ଓଡ଼ିଆ ଭାଷୀ ଅଞ୍ଚଳ ବହିର୍ଭୁତ ହୋଇଥିବା ଦେଖି ଉତ୍କଳ ସମ୍ମିଳନୀ କମିଟି ପାରଳାଖେମୁଣ୍ଡି ରାଜାଙ୍କ ନେତୃତ୍ୱରେ ପ୍ରତିନିଧିମାନଙ୍କୁ ବଡ଼ଲାଟଙ୍କ ନିକଟକୁ ପଠାଇବା ପାଇଁ ପ୍ରସ୍ତାବ ଗୃହୀତ ହେଲା।

ଏହାପରେ ଗୋଲଟେବୁଲ ବୈଠକ ଇଂଲଣ୍ଡରେ ବସିଲା। ପାରଳା ଖେମୁଣ୍ଡି ମହାରାଜା ସେଠାକୁ ଭାରତ ସରକାରଙ୍କ ପ୍ରତିନିଧି ରୂପେ ପହଞ୍ଚିଲେ। ଉତ୍କଳ ସମ୍ମିଳନୀରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସମ୍ପର୍କରେ ପଗାଢ଼ ଉଦ୍ୟମ କଲେ।

ତୃତୀୟ ଗୋଲଟେବୁଲ ବୈଠକ ପରେ ଭାରତର ମନ୍ତ୍ରୀ ସାର ସାମୁଏଲ ଓଡନେଲ ୧୯୩୨ ମସିହା ଡିସେମ୍ବର ମାସ ୨୪ ତାରିଖରେ ଘୋଷଣା କଲେ- ଭାରତର ଶାସନ ତାନ୍ତ୍ରିକ ବ୍ୟବସ୍ଥାରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବ। ପୁଣି ୧୯୩୩ ମସିହା ମାର୍ଚ୍ଚ ମାସରେ ପ୍ରକାଶିତ ଶ୍ୱେତ ପତ୍ରରେ କୁହାଗଲା, ଭାରତର ୨୦ ଟି ପ୍ରେଦେଶକୁ ନେଇ ଓଡିଶା ଗୋଟେ ଲାଟ ଶାସିତ ସଞ୍ଚଳ ରୂପେ ଗଠିତ ହେବ। ତଦନୁଯାୟୀ ଭାରତ ସରକାରଙ୍କ ବିଲ ଭିତରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ବ୍ୟବସ୍ଥା ତାଲିକାଭୁକ୍ତ କରାଗଲା। ୧୯୩୬ ମସିହା ଏପ୍ରିଲ ମାସ ପହିଲା ତାରିଖ ଦିନ ଓଡିଶା ପ୍ରଦେଶ ଗଠନ କରାଗଲା। ୧୯୩୬ ମସିହା ଏପ୍ରିଲ ମାସ ପହିଲା ତାରିଖ ଦିନ ନୂତନ ସୀମା ସହ ନୂତନ ଓଡିଶା ପ୍ରଦେଶ ଉଦଘାଟନ ଉତ୍ସବ ପାଳନ କରାଗଲା। ସାର ଜନ ଅଷ୍ଟିନ ହବାକ ମୋହଦୟ ନୂତନ ଓଡିଶା ପ୍ରଦେଶର ପ୍ରଥମ ବଡ଼ଲାଟ ହୋଇଥିଲେ। ତା'ପର ବର୍ଷ ଅର୍ଥାତ ୧୯୩୭ ମସିହାରେ ଲୋକପ୍ରତିନିଧି ସରକାର ଗଢ଼ାଯିବା ଲାଗି ପ୍ରଥମ ତିନି ମାସ ପାରଳାଖେମୁଣ୍ଡି ମହାରାଜା ଓଡିଶା ରାଜ୍ୟର ପ୍ରଥମ ପ୍ରଧାନ ମନ୍ତ୍ରୀ ହୋଇଥିଲେ। ସେତେବେଳେ ପ୍ରଦେଶର ମୁଖ୍ୟ ମନ୍ତ୍ରୀଙ୍କୁ ପ୍ରଧାନ ମନ୍ତ୍ରୀ କୁହା ଯାଉଥିଲା। ସ୍ୱତନ୍ତ୍ର ଓଡିଶା ଆନ୍ଦୋଳନର ବହୁ ଘଟଣାପୂର୍ଣ୍ଣ ଇତିହାସରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଉଲ୍ଲେଖନୀୟ ଅବଦାନ ଭୁଲିବାର ନୁହେଁ।

+ବିସି- ୭୪,ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨

# ଓଡ଼ିଆ ଜାତି ଓ ରାଜ୍ୟର ସୁସଂଗଠିତ ଦିବସ - ଉତ୍କଳ ଦିବସ



**ଅମୂଲ୍ୟ କୁମାର ପଣ୍ଡା**

ପବିତ୍ର ଉତ୍କଳ ଦିବସ ପ୍ରତ୍ୟେକ ଓଡ଼ିଆର ମନ, ପ୍ରାଣ ଏବଂ ହୃଦୟ ସହ ଜଡ଼ିତ। ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ ସେହି ମହାପୁରୁଷମାନେ ନିଜ ସ୍ୱାର୍ଥକୁ ତ୍ୟାଗ କରି ଉତ୍କଳ ଜନନୀର ସେବାରେ ନିଜକୁ ଉତ୍ସର୍ଗ କରିଥଲେ ଏବଂ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଯେହେତୁ ଏପ୍ରିଲ ୧, ୧୯୩୬ ମସିହାରେ ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ରୂପେ ଏକ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ପାଇଥିଲା, ଆମେ ଏହି ଦିନକୁ ଉତ୍କଳ ଦିବସ ବା ଓଡ଼ିଶା ଦିବସ ରୂପେ ପାଳନ କରୁଅଛୁ। ଏକଦା ନିଜର କଳା-ସସ୍ଂସ୍କୃତି, ଭାଷା-ସାହିତ୍ୟ, ବାଣିଜ୍ୟ-ବ୍ୟବସାୟ ଓ ସାମାଜିକ-ସାମରିକ ପରମ୍ପରା ପାଇଁ ଏହି ରାଜ୍ୟ ବିଶେଷ ଭାବେ ପରିଚିତ ଥିଲା । କ୍ରମେ ଏକାଧିକ କାରଣରୁ ପ୍ରଥମେ ଏହାର ସ୍ୱାଧୀନତା ଏବଂ ପରେ ସାମାଜିକ ନିରାପତ୍ତା, ଭାଷା ଓ ସସ୍ଂସ୍କୃତି ଆଦି ସବୁ କିଛି ବିପନ୍ନ ହୋଇଥିଲା । ଏହାର ଭୌଗୋଳିକ ସୀମା ସଙ୍କୋଚନ ପରେ, ଅଣ ଓଡ଼ିଆମାନେ, ତତ୍‌କାଳୀନ ବ୍ରିଟିସ୍ ସରକାରଙ୍କୁ ପ୍ରଭାବିତ କରି, ଏହାକୁ ଖଣ୍ତ ଖଣ୍ତ କରି ବାଣ୍ଟିନେବାକୁ ମସୁଧା କରିଥିଲେ । ଏପରିକି କେତେକ ବଙ୍ଗୀୟ ପ୍ରକାଶ୍ୟରେ, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା କି ଜାତି ନୁହେଁ, ଏଣୁ ଏହାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ନ ଦେଇ, ବାଂଲା ଭାଷାଭାଷୀ ଅଞ୍ଚଳରେ ମିଶାଇଦେବା ପାଇଁ ମତ ଦେଇଥିଲେ । ଯାହା ହେଉ, ସେମାନଙ୍କ ଷଡ଼୍‌ଯନ୍ତ୍ର ବିରୋଧରେ ଉତ୍କଳଗେ ?ରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀରମୋହନ ସେନାପତି, ପଣ୍ତିତ ନୀଳକଣ୍ଠ ଦାଶ, କବିବର ରାଧାନାଥ ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ସ୍ୱଭାବ କବି ଗଙ୍ଗାଧର ମେହେର, ବିଚିତ୍ରାନନ୍ଦ ଦାସ, କର୍ମବୀର ଗୌରୀଶଙ୍କର ରାୟ ଓ ହରିହର ମର୍ଦ୍ଦରାଜ ଦେବ ଆଦିଙ୍କ ନେତୃତ୍ୱରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିଲା। ଶେଷରେ ପରାଧୀନତା ଶୃଙ୍ଖଳରୁ ମୁକ୍ତ ହୋଇଥିଲେ ଆମେ ଏବଂ ଜନ୍ମ ନେଇଥିଲା ସ୍ୱତନ୍ତ୍ର ଓଡ଼ିଶା । ଏହା ଆଧୁନିକ ଓଡ଼ିଶା ଇତିହାସର ସବୁଠାରୁ ଉଲ୍ଲେଖନୀୟ ଘଟନା । ଏହା ଥିଲା ଊନବିଂଶ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଓଡ଼ିଶାର ନବଜାଗରଣର ଚୂଡ଼ାନ୍ତ ଫଳଶ୍ରୁତି । ସାଙ୍କେତିକ ଭାବେ ଏହା ଥିଲା ଓଡ଼ିଶାର ସ୍ୱକୀୟତାର ଘୋଷଣା । ଭାଷା ଭିତ୍ତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ । ୧୫୬୮ରେ ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ, ବ୍ରିଟିଶ ଶାସନରୁ ଅଲଗା ହୋଇ ଓଡ଼ିଶାକୁ ଏକ ଅଲଗା ରାଜ୍ୟ କରିବା ପାଇଁ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ଆନ୍ଦୋଳନ ତେଜିଥିଲା। ପ୍ରଥମେ ଓଡ଼ିଶା ରାଜ୍ୟ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ତିଆରି କରାଯାଇଥିଲା। ସାର ଅଷ୍ଟିନ ହବାକ ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ଶପଥ ନେଇଥିଲେ । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଲା। ୧୯୯୨ ମସିହାରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୁନର୍ବିଭାଜନ କରି ୩୦ଟି ଜିଲ୍ଲାରେ ଭାଗ କରାଗଲା । ପ୍ରତି ବର୍ଷ ଏପ୍ରିଲ ପହିଲା ଦିନଟିକୁ ଓଡ଼ିଶା ଦିବସ ରୂପେ ପାଳନ କରାଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣ କରାଯାଏ।

ଆସନ୍ତୁ ଏବେ ଜାଣିବା ଓଡ଼ିଶାର କିଛି ପୂର୍ବ ଇତିହାସ କଥା, ଯାହା ସମସ୍ତେ ଜାଣିବା ଉଚିତ୍ । ଇଂରେଜମାନଙ୍କ ପୂର୍ବରୁ ଓଡିଶା ମରହଟ୍ଟା ଶାସକମାନଙ୍କଦ୍ୱାରା ଶାସିତ ହେଉଥିଲା। ମରହଟ୍ଟା ମାନଙ୍କର ଅତ୍ୟାଚାରରେ ସମଗ୍ର ଓଡ଼ିଶାବାସୀ ଅତିଷ୍ଠ ହୋଇପଡିଥିଲେ। ଏହାର ସୁଯୋଗ ନେଇଥିଲେ ହରକୋଟ୍ ସାହେବ। ଏହି ପରିପ୍ରେକ୍ଷୀରେ ହରକୋଟ ସାହେବ ପୁରୀର ମହନ୍ତଙ୍କ ପାଖକୁ ସଂମ୍ପୂର୍ଣ୍ଣ ନିରାପଦ ଯୋଗାଇଦେବା ପାଇଁ ବାର୍ତ୍ତା ପ୍ରେରଣ କରିଥିଲେ। ଏହା ପରେ ଖୋର୍ଦ୍ଧାରାଜାଙ୍କୁ ଏକ ଲକ୍ଷ ଟଙ୍କା ଲାଞ୍ଚ ଦେଇ ସୈନିକମାନଙ୍କର ଯାତାୟତର ସୁବିଧା କରାଇ ଦେଇଥିଲେ। ମରହଟ୍ଟା ଓ ଇଂରେଜମାନଙ୍କ ମଧ୍ୟରେ ସଂଘର୍ଷ ପରେ ପୁରୀ ଇଂରେଜମାନଙ୍କ ଅଧିନକୁ ଚାଲିଯାଇଥିଲା। ପୁରୀର ସୁରକ୍ଷା ଦାୟିତ୍ୱ ନେଇଥିଲେ ମେଜର ଫ୍ଲେଚର । ଧିରେ ଧିରେ ମରହଟ୍ଟା ଶକ୍ତି ଇଂରେଜ ସାମର୍ଥ୍ୟ ପାଖରେ ହାର ମାନୁଥାଏ। ଇଂରେଜ ସୈନ୍ୟବାହିନୀ କଟକକୁ ଅକ୍ତିଆର କରିବାକୁ ଅଗ୍ରସର ହେଉଥାନ୍ତି। ଏହି ସମୟରେ ଅହମଦପୁର ଓ ମୁକୁନ୍ଦପୁରଠାରେ ମରହଟ୍ଟା ସୈନ୍ୟର ପ୍ରତିରୋଧର ସମ୍ମୁଖୀନ ହୁଅନ୍ତି ଇଂରେଜ ସୈନ୍ୟ ମାତ୍ର ଇଂରେଜମାନଙ୍କର ସାମର୍ଥ୍ୟ ମରହଟ୍ଟା ଶକ୍ତିକୁ ଅତି ସହଜରେ ପରାସ୍ତ କଲେ। ଅକ୍ଟୋବର ମାସ ୧୪ ତାରିଖରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କରନ୍ତି। ଏହାପରେ କଟକର ପରିଚାଳନା ପାଇଁ ଏକ କମିଶନ ଗଠନ କରାଗଲା, ଯେଉଁଥିରେ ହରକୋଟ୍, ଟି.ଏଚ୍.ଆର୍ଣ୍ଣଷ୍ଟ ଓ ମାଲଭିଲେ ସଦସ୍ୟ ରହିଲେ । (କ୍ରମଶଃ)

# ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ଉତ୍କଳ ପ୍ରତିଭା ଓ ସିନେ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର,୩୧/୦୩ (ନି.ପ୍ର): ବରୁଣେଇରେ ପାଇକ ବିଦ୍ରୋହର ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ଜମି ଯୋଗାଇ ଦେବାକୁ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରାମର୍ଶ ଦେବାସହ ଅନୁରୋଧ କରିଛନ୍ତି। ଆଜି ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ସ୍ଥାନୀୟ ଗୀତଗୋବିନ୍ଦ ସଦନ ଠାରେ ଆୟୋଜିତ ବୁଦ୍ଧିଜୀବୀ, ସାହିତ୍ୟିକ, ଐତିହାସିକ ତଥା କଳାକାରମାନଙ୍କ ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଲେ, ଓଡ଼ିଆ ଜାତିର ଗର୍ବିତ ପରମ୍ପରା ସମଗ୍ର ବିଶ୍ୱବିଦିତ। ଇଂରେଜ ସରକାର ବିରୁଦ୍ଧରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ପାଇକ ବିଦ୍ରୋହ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହି ବୀରତ୍ୱପୂର୍ଣ୍ଣ ରକ୍ତାକ୍ତ ସଂଗ୍ରାମର ସ୍ମୃତିକୁ ପ୍ରତ୍ୟେକ ଓଡ଼ିଆ ମନେ ପକାଇବା ସହିତ ନିଜ ମାଟି ଓ ମାତୃଭାଷା ପ୍ରତି ମମତାବୋଧ ପ୍ରକାଶ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ 'ସବୁଜ ବିଶ୍ୱ ପାଇଁ ଆମେ ବୃକ୍ଷରୋପଣ କରିବା ଅଭିଯାନର'ର ଲୋଗୋକୁ ଉନ୍ମୋଚନ କରି ଶ୍ରୀ ହରିଚନ୍ଦନ କହିଲେ, ବର୍ତମାନ ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତନ, ପରିବେଶ ପ୍ରଦୂଷଣ, ଉତାପ ବୃଦ୍ଧି ଜନିତ ଯେଉଁ ସମସ୍ୟା ଦେଖାଦେଇଛି ସେଥିପାଇଁ ପ୍ରତ୍ୟେକ ଓଡ଼ିଶାବାସୀ ବୃକ୍ଷରୋପଣ କରିବା ନିତାନ୍ତ ଆବଶ୍ୟକ। ଏହି ଉତ୍ସବରେ ବିଶିଷ୍ଟ ଅତିଥି ରୂପେ ପୂର୍ବତନ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ପଦ୍ମଭୂଷଣ ବିଶିଷ୍ଟ କବି ରମାକାନ୍ତ ରଥ ଯୋଗଦେଇ ଆମର ପୂର୍ବଜ ସାହିତ୍ୟିକ କାହ୍ନୁଚରଣ ମହାନ୍ତି, କାଳନ୍ଦୀ ପାଣିଗ୍ରାହୀ ଆଦିଙ୍କର କୃତିକୁ ସଂରକ୍ଷଣ କରିବାକୁ ରାଜ୍ୟ ସରକାର ଉଦ୍ୟମ କରିବା ନିମନ୍ତେ ମତ ରଖିଥିଲେ। ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ ଆର୍ମିର ଅଧ୍ୟକ୍ଷ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଏଥିରେ ସଭାପତିତ୍ୱ କରି କହିଲେ ଯେ, ପ୍ରତ୍ୟେକ ଓଡ଼ିଆ ନିଜ ଜାତିର ଇତିହାସକୁ ମନେପକାଇ ଆଗକୁ ନିଜର ସ୍ୱାଭିମାନ ବଂଚାଇବା ପାଇଁ ଚେଷ୍ଟା କରିବା ସହ ବିଶ୍ୱର ପରିବେଶଜନିତ ସଙ୍କଟକୁ ଉଦ୍ଧାର କରିବା ପାଇଁ ପ୍ରତ୍ୟେକ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବାକୁ ଅନୁରୋଧ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ, ଆଚିଭର ଫାଉଣ୍ଡେସନର ସଭାପତି ଡଃ ଅଶୋକ ସୁନ୍ଦରାୟ, ଚଳଚ୍ଚିତ୍ର ଓ ଧାରାବାହିକ ପ୍ରଯୋଜିକା ବିନି ସାମଲ, ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଉତ୍କଳ ଜନନୀର ବୀରତ୍ୱପୂର୍ଣ୍ଣ ଗାଥା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ଡଃ ସୁଭାଷ ଚନ୍ଦ୍ର ନାୟକ, ସମାଜସେବୀ ଓ ଶିକ୍ଷାବିତ୍ ଲାୟନ୍ସ ସ୍ମୃତିସୁଧା ନାୟକ, ଶିକ୍ଷାବିତ୍ ଡଃ ପତିତପାବନ ପଣ୍ଡା, ସକାଳ ଖବରକାଗଜର ସାମ୍ବାଦିକ ଅନୁରାଧା ବାରିକ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ନମ୍ରତା ସିଂହଦେଓ, ଧାରାବାହିକ ଓ ଚଳଚ୍ଚିତ୍ର ଅଭିନେତ୍ରୀ ତୃପ୍ତି ସାହୁ, ଚଳଚ୍ଚିତ୍ର ଧାରାବାହିକ ଅଭିନେତ୍ରୀ ଆଲିସା ବ୍ରହ୍ମା, ଧାରାରବାହିକ ଅଭିନେତ୍ରୀ ମାନସୀ ପାଲ, ସ୍ନିଗ୍ଧା, ଅଭିନେତା ନୀଲ୍ ପଣ୍ଡା, ସାମ୍ବାଦିକ ସୁସ୍ମିତା ମିଶ୍ର ଓ ଚଳିତବର୍ଷର ଶ୍ରେଷ୍ଠ ଧାରାବାହିକ ଓ ଚଳଚ୍ଚିତ୍ର ପ୍ରଯୋଜିକା ଭାବେ ବିନି ସାମଲଙ୍କୁ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ସମ୍ବର୍ଦ୍ଧିତ କରିଥିଲେ।

# ପୁଣି ରାଜ୍ୟରେ କମିଲା ସଂକ୍ରମଣ : ୩୨ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୩୧/୦୩ (ନି.ପ୍ର): ଆଜି ରାଜ୍ୟରେ ପୁଣି କମିଛି କରୋନା ସଂକ୍ରମଣ। ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୧୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଗଜପତି ଓ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫ ଜଣ ଲେଖାଏଁ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ଓଡ଼ିଶାରେ ୫୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୨ ଜଣ, ବରଗଡ଼ରୁ ୧ ଜଣ, ବଲାଙ୍ଗୀରରୁ ୩ ଜଣ, କଟକରୁ ୨ ଜଣ, ଗଜପତିରୁ ୫ ଜଣ, ଯାଜପୁରରୁ ୧ ଜଣ, ଝାରସୁଗୁଡ଼ାରୁ ୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ, ଖୋର୍ଦ୍ଧାରୁ ୫ ଜଣ, ମୟୂରଭଞ୍ଜ ଜିଲ୍ଲାରୁ ୧ ଜଣ, ସମ୍ବଲପୁରରୁ ୩ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୪ ଜଣ ଓ ଷ୍ଟେଟପୁଲରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୬୪୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୮, ୦୮୧ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୩୮୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଦୁଇ ବର୍ଷ ପାଇଁ ଦିଆଯିବ ଏନ୍ଏସ୍ଏସ୍ ପୁରସ୍କାର

ଭୁବନେଶ୍ୱର ,୩୧/୦୩ (ନି.ପ୍ର): ଏପ୍ରିଲ ପହିଲାରୁ ଏନ୍ଏସ୍ଏସ୍ ବ୍ୟାନର ଓ ସାଇନ୍ ବୋର୍ଡରେ ଓଡ଼ିଆ ଭାଷାର ବ୍ୟବହାର କରାଯିବ। ଏନ୍ଏସ୍ଏସ୍ର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଲୋକଙ୍କୁ ଜଣାଇବାରେ ଏହା ସହାୟକ ହେବ। ଯଦି ଆବଶ୍ୟକ ପଡ଼େ ତେବେ ଶିକ୍ଷାନୁଷ୍ଠାନ କର୍ତୃପକ୍ଷ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷା ବ୍ୟବହାର କରିପାରିବେ। ସମସ୍ତ କଲେଜ ଅଧ୍ୟକ୍ଷ ଓ ଏନ୍ଏସ୍ଏସ୍ର କାର୍ଯ୍ୟକ୍ରମ ଅଧିକାରୀ(ପିଓ)ମାନେ ଏଦିଗରେ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ବିଭାଗ ଉପ ସଚିବ ରମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ରାଜ୍ୟସ୍ତରୀୟ ଏନ୍ଏସ୍ଏସ୍ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏକାଥରେ ୨୦୨୦-୨୧ ଓ ୨୦୨୧-୨୨ ଶିକ୍ଷାବର୍ଷ ଲାଗି ଏହି ପୁରସ୍କାର ପ୍ରଦାନ କରାଯିବ। ପ୍ରତିବର୍ଷ ଲାଗି ରାଜ୍ୟସ୍ତରରେ ୧୨ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ, ୩ ଜଣ ଲେଖାଏ କାର୍ଯ୍ୟକ୍ରମ ଅଧିକାରୀ ଓ ଏନ୍ଏସ୍ଏସ୍ ୟୁନିଟ୍, ରକ୍ତଦାନ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ଗୋଟିଏ ଲେଖାଏ ୟୁନିଟ୍ ?କୁ ପୁରସ୍କୃତ କରିବାକୁ ସ୍ଥିର ହୋଇଛି। ତେଣୁ ଏନ୍ଏସ୍ଏସ୍ ୟୁନିଟ୍ଗୁଡ଼ିକ ମେ' ୫ ସୁଦ୍ଧା ନିର୍ଧାରିତ ଫର୍ମାଟରେ ମାନୋନୟନପତ୍ର ଦାଖଲ କରିବାକୁ ୨୪ ବ୍ୟୁରୋର ପିଓମାନଙ୍କୁ କୁହାଯାଇଛି।

# ବସ୍ତି ଆଇନ ସଂଶୋଧନକୁ ସ୍ୱାଗତ କଲା ଓଡ଼ିଶା ବସ୍ତି ସଂଘର୍ଷ ସମିତି

ଭୁବନେଶ୍ୱର,୩୧/୦୩ (ନି.ପ୍ର): ବିଧାନସଭାରେ ବସ୍ତି ଆଇନ୍ ୨୦୦୩ ସଂଶୋଧନକୁ ସ୍ୱାଗତ କରିଛନ୍ତି ଓଡ଼ିଶା ବସ୍ତି ସଂଘର୍ଷ ସମିତିର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁ। ଶ୍ରୀଯୁକ୍ତ ସାହୁ କହିଛନ୍ତି ଯେ, ଦୀର୍ଘବର୍ଷ ହେବ ବସ୍ତିବାସିନ୍ଦାମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉ ବୋଲି ଦାବି କରାଯାଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଗତକାଲି ବିଧାନସଭାରେ ବସ୍ତି ଆଇନ୍ ସଂଶୋଧନ କରିଥିବାରୁ ଶ୍ରୀଯୁକ୍ତ ସାହୁ ଉଭୟଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି ସଂଶୋଧନ ଆଇନ୍ରେ ଏନ୍ଏସିରେ ଓ ମ୍ୟୁନିସିପାଲିଟିରେ ଥିବା ବସ୍ତିବାସିନ୍ଦାମାନଙ୍କୁ ଜାଗା ଯୋଗାଇ ଦିଆଯିବ ବୋଲି ପୂର୍ବରୁ ଘୋଷଣା କରିଥିଲେ। କିନ୍ତୁ ସରକାର ୫ଟି ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ଥିବା ବସ୍ତିବାସିନ୍ଦାମାନଙ୍କ ପାଇଁ ୩୦ ବର୍ଗମିଟର ଜାଗା ଯୋଗାଇ ଦେବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ଘର ଯୋଗାଇ ଦେବେ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ଏତଦ୍‌ବ୍ୟତୀତ ସରକାରଙ୍କ ନିର୍ଦ୍ଧାରିତ ପୂର୍ବରୁ ଯିଏ ଘର ତିଆରି ଶେଷ କରିବ, ସେମାନଙ୍କୁ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଏହି ଆଇନରେ ପାରିତ ହୋଇଥିବାରୁ ବସ୍ତିବାସିନ୍ଦାମାନେ ଖୁସିବ୍ୟକ୍ତ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଓଡ଼ିଶା ବସ୍ତି ସଂଘର୍ଷ ସମିତିର ଦୀର୍ଘବର୍ଷ ଲଢେଇର ଏହା ସଫଳତା। ଏତଦ୍‌ଦ୍ୱାରା ଶ୍ରୀଯୁକ୍ତ ସାହୁ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ପାଖରେ ବସ୍ତି ୱେଲଫେୟାର ବୋର୍ଡ଼ ଗଠନ କରାଯାଉ ବୋଲି ଦାବି କରିଛନ୍ତି।

# ଯୋଗ ପୁରସ୍କାର -୨୦୨୨ ପାଇଁ ନାମାଙ୍କନ ଆମନ୍ତ୍ରଣ

## ବିଜେତାମାନଙ୍କର ନାମ ଅନ୍ତର୍ଜାତୀୟ ଯୋଗ ଦିବସରେ ଘୋଷଣା ହେବ

ଭୁବନେଶ୍ୱର ,୩୧/୦୩ (ନି.ପ୍ର): ଆୟୁଷ ମନ୍ତ୍ରାଳୟ ପ୍ରଧାନମନ୍ତ୍ରୀ ଯୋଗ ପୁରସ୍କାର- ୨୦୨୨ ପାଇଁ ନାମାଙ୍କନ ଆମନ୍ତ୍ରଣ କରିଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ (୨୧ ଜୁନ୍ ୨୦୨୨) ରେ ବିଜେତାମାନଙ୍କ ନାମ ଘୋଷଣା କରାଯିବ। ୨୦୨୨ ବର୍ଷ ପାଇଁ ଆବେଦନ ପ୍ରକ୍ରିୟା ବର୍ତ୍ତମାନ ମାଇଁ ଗଭ୍ ପ୍ଲାଟଫର୍ମ (https://innovateindia.mygov.in/pm-yoga-awards-2022/) ରେ ଚାଲୁ ରହିଛି। ଆବେଦନ/ ନାମାଙ୍କନ ପ୍ରକ୍ରିୟାକୁ କେବଳ ଅନଲାଇନ୍ରେ ଦାଖଲ କରାଯାଇପାରିବ। ହାର୍ଡ଼ କପି ପଠାଇବାର ଆବଶ୍ୟକତା ନାହିଁ। ଏଥିରେ ଭାରତୀୟ ବ୍ୟକ୍ତି/ ସଂସ୍ଥା ପକ୍ଷରୁ ଦୁଇଟି ଜାତୀୟ ବର୍ଗରେ ଆବେଦନ କରାଯାଇପାରିବ। ଏହା ବ୍ୟତୀତ ବିଦେଶୀ ବ୍ୟକ୍ତି/ ସଂସ୍ଥାଙ୍କ ପାଇଁ ମଧ୍ୟ ଦୁଇଟି ଅନ୍ତର୍ଜାତୀୟ ବର୍ଗ ରହିଛି। ଏହି ପୁରସ୍କାର କେବଳ ସେହି ଆବେଦକ/ ମନୋନୀତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ, ଯେଉଁମାନେ ଯୋଗରେ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି ତଥା ଯାହାଙ୍କର ଯୋଗରେ ଗଭୀର ଜ୍ଞାନ ରହିଛି। ଯେଉଁ ବ୍ୟକ୍ତି ତଥା ସଂସ୍ଥା ଏଥିରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନେ ପିଏମୱାଇଏର ପେଜ୍ https://innovateindia.mygov.in/pm-yoga-awards-2022/ କୁ ଯାଇ ନାମାଙ୍କନ ପ୍ରକ୍ରିୟାକୁ ବୁଝି ପାରିବେ ତଥା ଏଥିରେ ଅଂଶଗ୍ରହଣ କରିପାରିବେ। ନାମାଙ୍କନ ପ୍ରକ୍ରିୟା ଚଳିତ ବର୍ଷ ୨୮ ମାର୍ଚ ୨୦୨୨ରେ ଆରମ୍ଭ ହୋଇଛି। ପ୍ରବେଶିକା ଜମା କରିବାର ଅନ୍ତିମ ତାରିଖ ହେଲା ୨୭ ଏପ୍ରିଲ୍ ୨୦୨୨। ପୁରସ୍କାର ପ୍ରକ୍ରିୟାରେ ଭାଗ ନେବା ପାଇଁ ଆବେଦକ ମଧ୍ୟ ପ୍ରତ୍ୟକ୍ଷ ଭାବେ ଆବେଦନ ଦାଖଲ କରିପାରିବେ ବା ଯୋଗ କ୍ଷେତ୍ରରେ କାମ କରୁଥିବା କୌଣସି ପ୍ରମୁଖ ବ୍ୟକ୍ତି ବା ସଙ୍ଗଠନ ଦ୍ୱାରା ନାମାଙ୍କିତ ହୋଇପାରିବେ। ଆବେଦକ ଏକ ନିର୍ଦ୍ଦିଷ୍ଟ ବର୍ଷରେ ଜାତୀୟ ବା ଅନ୍ତର୍ଜାତୀୟ ପୁରସ୍କାର କ୍ଷେତ୍ରରେ ଗୋଟିଏ ପୁରସ୍କାର ବର୍ଗ ପାଇଁ ନାମାଙ୍କନ କରିପାରିବେ ବା ନିଜେ ନାମାଙ୍କିତ ହୋଇପାରିବେ। ଚୟନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର ଦୁଇଟି କମିଟିର ଗଠନ କରିଛନ୍ତି। ଯାଞ୍ଚ କମିଟି ଓ ମୂଲ୍ୟାଙ୍କନ କମିଟି। ଯେଉଁମାନେ ପୁରସ୍କାର ପାଇଁ ବିଜେତାଙ୍କ ନାମକୁ ଚୂଡ଼ାନ୍ତ ରୂପ ପ୍ରଦାନ ପାଇଁ ଚୟନ ଓ ମୂଲ୍ୟାଙ୍କନ କରିବେ। ମୂଲ୍ୟାଙ୍କନ ସମିତିର ଅଧ୍ୟକ୍ଷତା କ୍ୟାବିନେଟ୍ ସଚିବ କରିବେ। ଯୋଗ ମଣିଷକୁ ଶାରୀରିକ ଓ ମାନସିକ ଆରୋଗ୍ୟର ବାର୍ତ୍ତା ପ୍ରଦାନ କରିଥାଏ। କୋଭିଡ୍-୧୯ ମହାମାରୀ ସମୟରେ ଏହି ବାର୍ତ୍ତା ଅତ୍ୟନ୍ତ ସାର୍ଥକ ପ୍ରମାଣିତ ହୋଇଛି। ସମଗ୍ର ବିଶ୍ୱର ଲୋକମାନେ ସୁସ୍ଥ ରହିବା ଏବଂ ଶକ୍ତି ସଞ୍ଚାର ପାଇଁ ଯୋଗକୁ ନିଜ ଜୀବନରେ ସାମିଲ୍ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଯୋଗକୁ ମିଳୁଥିବା ପରିଚୟ ଏବଂ ତାହାକୁ ଗ୍ରହଣ କରିବାର ଭାବନା ସେହି ସମୟରେ ଅଧିକ ବ୍ୟାପକ ହୋଇପାରିଥିଲା, ଯେତେବେଳେ ଜାତିସଂଘ ୨୦୧୪ ବର୍ଷରେ ପ୍ରସ୍ତାବ ୬୯/୧୩୧ ମାଧ୍ୟମରେ ୨୧ ଜୁନକୁ ଅନ୍ତର୍ଜାତୀୟ ଯୋଗ ଦିବସ ରୂପେ ଘୋଷଣା କଲେ।



ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୨ର କାଉଣ୍ଟଡାଉନ୍ ଆରମ୍ଭ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ୧୩ ମାର୍ଚ ୨୦୨୨ ଠାରୁ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ଶହେ ଦିନର ଏହି କାଉଣ୍ଟ ଡାଉନ୍ ଶହେଟି ସହରର ଶହେଟି ଅନୁଷ୍ଠାନକୁ ସାମିଲ୍ କରିବ। ଏହି ପ୍ରକ୍ରିୟା ୨୧ ଜୁନ୍ ୨୦୨୨ ପର୍ଯ୍ୟନ୍ତ ଜାରିରହିବ। 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ଯୋଗାଭ୍ୟାସର ପ୍ରଦର୍ଶନ ୨୧ ଜୁନ୍ ୨୦୨୨ ରେ ୭୫ଟି ପ୍ରମୁଖ ସାଂସ୍କୃତିକ ସ୍ଥାନରେ ମଧ୍ୟ କରାଯିବ। ଉପରୋକ୍ତ ଶହେ ଦିନରେ ଅନ୍ୟ କାର୍ଯ୍ୟକ୍ରମରେ ଯୋଗ ପ୍ରଦର୍ଶନ, କର୍ମଶାଳା ଏବଂ ଆଲୋଚନାଚକ୍ରର ଆୟୋଜନ କରାଯିବ। ମନ୍ତ୍ରାଳୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏମୟୋଗା ଆପ୍, ନମସ୍ତେ ଆପ୍, ୱାଇ-ବ୍ରେକ୍ ଆପ୍ଲିକେସନ ତଥା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗର ଉପକାରିତାକୁ ପ୍ରସାରିତ କରିବେ। 'ମାଇଁ ଗଭ୍ ପ୍ଲାଟଫର୍ମ'ରେ ଚାଲୁ ରହିଥିବା କାର୍ଯ୍ୟକ୍ରମରେ ଫଟୋ ପ୍ରତିଯୋଗିତା, ସାଧାରଣ ଜ୍ଞାନ, ଆଲୋଚନା, ଶପଥ, ସର୍ବେକ୍ଷଣ ଓ ଜିଙ୍ଗିଲ୍ ଆଦି ସାମିଲ୍ ହୋଇଛି।

# ୧୩ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୧/୦୩ (ନି.ପ୍ର): ଭାଷା, ସଂସ୍କୃତି, ସାହିତ୍ୟ ତଥା ଆଂଚଳିକଭିତିକ ଏକତ୍ରୀକରଣ ଏକ ରାଜ୍ୟକୁ ଦେଇଥାଏ ସ୍ୱତନ୍ତ୍ରତା। ଏଥିପ୍ରତି ଯୁବକଯୁବତୀଙ୍କ ଭୂମିକା ନିତାନ୍ତ ଜରୁରୀ ବୋଲି ୧୩ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଓ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ୭ଦିନ ବ୍ୟାପୀ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବିଭାଗର ଡ଼ିଜି ଡ. ଗଗନେନ୍ଦୁ ଦାସ, ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡ଼ିଶା ଶାଖାର ଆଂଚଳିକ ନିର୍ଦ୍ଦେଶିକା ରିତା ଭଗତ, ଉପନିର୍ଦ୍ଦେଶକ ବିମଳ ପାତ୍ରିକସାହା, ଖୋର୍ଦ୍ଧାଜିଲ୍ଲା ଯୁବ ଅଧିକାରୀ ବିପିନ୍ କୁମାର, ବଡ଼ଗଡ଼ ଯୁବ ଅଧିକାରୀ ଜି. ରୋଷନ ଟଣ୍ଡନ, କେନ୍ଦୁଝର ଜିଲ୍ଲାର ଯୁବ ଅଧିକାରୀ ବସୁନ୍ଧରା ସାହୁ, କନ୍ଧମାଳ ଜିଲ୍ଲା ଯୁବ ଅଧିକାରୀ ନବନିତ କୁମାର, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ର ସଂଗଠନର ସହ କାର୍ଯ୍ୟକ୍ରମ ଅଧିକାରୀ କୈଳାସ ଚନ୍ଦ୍ର ମହାନ୍ତି, କୁଳମଣି ମଲ୍ଲିକ, ଶୁଭେନ୍ଦ୍ରନାଥ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟରେ ଆରମ୍ଭ ହେବ ପ୍ରାକୃତିକ କୃଷି କାର୍ଯ୍ୟକ୍ରମ

ଭୁବନେଶ୍ୱର ,୩୧/୦୩ (ନି.ପ୍ର): ରାଜ୍ୟରେ ରାସାୟନିକ ପଦାର୍ଥ ରହିତ ପ୍ରାକୃତିକ କୃଷି କାର୍ଯ୍ୟକ୍ରମ ଆରମ୍ଭ ହେବ। ବିପର୍ଯ୍ୟୟ ନିରୋଧୀ ଓ ପରିବେଶ ଅନୁକୂଳ କୃଷି ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଆନ୍ଧ୍ରପ୍ରଦେଶର ରାୟଥୁ ସ୍ୱାଧୀକାର ସଂସ୍ଥା(ଆରୱାଇଏସ୍ଏସ୍) ଓ ଓଡ଼ିଶା ସରକାରଙ୍କ ଭିତରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।

ଲୋକସେବା ଭବନରୁ ଡିଜିଟାଲ ମୋଡରେ ଅନୁଷ୍ଠିତ ଏହି ବୈଠକରେ ଆନ୍ଧ୍ର ସରକାରଙ୍କ କୃଷି ଓ ସମବାୟ ପରାମର୍ଶଦାତା ଟି.ବିଜୟ କୁମାର, ଓଡ଼ିଶା ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗର ପ୍ରମୁଖ ସଚିବ ରଂଜନା ଚୋପ୍ରା, ମିସନ ଶକ୍ତି ବିଭାଗର ଶାସନ ସଚିବ ସୁଜାତା କାର୍ତିକେୟନ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ଆରମ୍ଭ ହେବ। ପ୍ରାୟ ୩.୧୫ ହେକ୍ଟର ଚାଷ ଜମିରେ ପ୍ରାକୃତିକ ପ୍ରଣାଳୀ ଚାଷ କରାଯିବ। କାର୍ଯ୍ୟକ୍ରମରେ ୧୩,୫୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟକ୍ରମକୁ କ୍ଲଷ୍ଟର ମୋଡରେ କରିବା ସହିତ ୫୦ଟି ଲେଖାଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଗୋଟିଏ ଗୋଟିଏ କ୍ଲଷ୍ଟର ଗଠନ କରାଯିବ। ୨୦୨୨/୨୩ ଆର୍ଥିକ ବର୍ଷରୁ କାର୍ଯ୍ୟକ୍ରମର ବାସ୍ତବ କ୍ଷେତ୍ରାନ୍ୱୟନ କରିବା ସହିତ ଆସନ୍ତା ୫ବର୍ଷ ଭିତରେ ପ୍ରାକୃତିକ ଚାଷ କାର୍ଯ୍ୟକ୍ରମରେ ୩୧୧.୯୩ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମ ବାବଦରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ତାଲିମ ଦିଆଯିବ। ସେମାନେ ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରିବେ। ଏହି ଗୋଷ୍ଠୀମାନଙ୍କୁ ଶସ୍ୟ ବିବିଧତା, ପ୍ରାଥମିକ ପର୍ଯ୍ୟାୟ ଜୈ?ବ ସାର ପ୍ରସ୍ତୁତି, କୃଷି ପଦ୍ଧତି, ଅମଳ ପରବର୍ତୀ ପ୍ରକ୍ରିୟାକରଣ ପାଇଁ ଭିତ୍ତିଭୂମି ପ୍ରସ୍ତୁତି ଆଦି ପାଇଁ ସହାୟତା ଦିଆଯିବ। ଏହାବାଦ୍ 'ପୋଷଣ ବଗିଚା' ପ୍ରସ୍ତୁତ ପାଇଁ ସହଯୋଗ ଯୋଗାଇ ଦିଆଯିବ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଆଧୁନିକ ପ୍ରଣାଳୀରେ ପ୍ରାକୃତିକ ଚାଷ ବର୍ତମାନ ଓ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକାନ୍ତ ଆବଶ୍ୟକ। ଏହି ପଦ୍ଧତିରେ କୃଷିକୁ ନିରନ୍ତର ଓ ବିପର୍ଯ୍ୟୟ ନିରୋଧୀ କରାଯାଇ ପାରିବ। ପ୍ରାକୃତିକ ଚାଷ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ ସଂପୃକ୍ତ ବିଭାଗମାନେ କ୍ଷେତ୍ରସ୍ତରରେ ପୂର୍ଣ୍ଣ ସମନ୍ୱୟ ଓ ଏକାଭିମୁଖଭାବେ ଲଗାତାର ପ୍ରଚେଷ୍ଟା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା କହିଥିଲେ ପ୍ରାକୃତିକ ଚାଷ କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଚଳିତ କୃଷି ଉତ୍ପାଦନ ସ୍ଥିତିକୁ ରୂପାନ୍ତରିତ କରିବ। ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ସଚେତନତା ବଢ଼ି ଚାଲିଥିବା ବେଳେ ଜୈବିକ ପଦ୍ଧତିରେ ଉତ୍ପାଦିତ ଖାଦ୍ୟ ଦ୍ରବର ଚାହିଦା ବଢୁଥିବାରୁ ଏହି ଚାଷ ମଧ୍ୟ ଆୟ ବୃଦ୍ଧି କରିବାରେ ସହାୟକ ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ନିର୍ଦ୍ଦେଶକ ଗୁହା ପୁନମ ତାପସ କୁମାର, ମିସନ ଶକ୍ତି ଓ ଓଡ଼ିଶା ଜନଜାତି ଉନ୍ନୟନ ସମାଜର ବରିଷ୍ଠ ଅଧିକାରୀ, ଜିଲ୍ଲା ଆଇଟିଡିଏର ପ୍ରକଳ୍ପ ଅଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ।

# ଟୋକନ ପାଇ ମଧ୍ୟ ଧାନ ବିକି ପାରିଲେନି ୨ ଲକ୍ଷ ଚାଷୀ

ଭୁବନେଶ୍ୱର ,୩୧/୦୩ (ନି.ପ୍ର): ଦିନକ ପରେ ସରିବ ଧାନ ସଂଗ୍ରହ। ଟୋକନ ପାଇ ମଧ୍ୟ ଧାନ ବିକି ପାରିଲେ ନାହିଁ ୨ ଲକ୍ଷ ୪୯ ହଜାର ୮୨୭ ଚାଷୀ। ଏଥିରେ ଗଞ୍ଜାମ ଜିଲ୍ଲାର ସର୍ବାଧିକ ୨୬ ହଜାର ୩୪୩, ମୟୂରଭଞ୍ଜର ୨୦ ହଜାର ୪୦୨, ବରଗଡ଼ର ୧୮ ହଜାର ୫୮୧ ଚାଷୀ ଅଛନ୍ତି। କନ୍ଧମାଳ ଠାରୁ କୋରାପୁଟ ଏଭଳି କୌଣସି ଜିଲ୍ଲା ନାହିଁ ଯେଉଁଠି ଟୋକନ ପାଇଥିବା ସବୁ ଚାଷୀ ଧାନ ବିକ୍ରି ପାଇଁ ସକ୍ଷମ ହୋଇଛନ୍ତି। ଟୋକନ ଲାପ୍ସ, ଟାର୍ଗେଟ ସମାପ୍ତ ରାଜ୍ୟ ସରକାର ଆଳ ଯାହା ମଧ୍ୟ ଦେଖାନ୍ତୁ, ମଣ୍ଡିରେ ମିଲର୍ସଙ୍କ ମନମାନୀ ସ୍ପଷ୍ଟ ଦିଶୁଛି। ସରକାର ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରୁଛନ୍ତି, କିନ୍ତୁ ମିଲର୍ସ ନ ଚାହିଁଲେ ଧାନ ଉଠିପାରୁ ନାହିଁ। ସରକାରଙ୍କ ମିଲର୍ସଙ୍କ ପ୍ରତି ଦୁର୍ବଳତା ଯୋଗୁଁ ଚାଷୀ ଦୁର୍ଦ୍ଦଶା ବଢୁଛି। ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ୧୫ ଲକ୍ଷ ୪୩ ହଜାର ୩୭୫ ଚାଷୀ ଧାନ ବିକ୍ରି ପାଇଁ ଟୋକନ ପାଇଥିଲେ। ଧାନ ବିକ୍ରି କରିପାରିନଥିବା ଚାଷୀଙ୍କ ମଧ୍ୟରେ ଅନୁଗୁଳର ୬୧୧୦, ବାଲେଶ୍ୱରର ୧୭,୪୦୫, ଭଦ୍ରକ ୧୨,୫୪୧, ବୌଦ୍ଧର ୨୫୬୯, କଟକ ୧୫,୯୧୭, ଦେବଗଡ଼ ୨୦୫୮, ଢେଙ୍କାନାଳ ୪୭୦୪, ଗଜପତି ୯୩୯, ଗଂଜାମ ୨୬,୩୪୩, ଜଗତସିଂହପୁର ୧୭,୫୩୭, ଯାଜପୁର ୧୦,୧୫୧, ଝାରସୁଗୁଡ଼ା ୯୬୩, କଳାହାଣ୍ଡି ୯୪୨୦, କନ୍ଧମାଳ ୮୪୯, କେନ୍ଦ୍ରାପଡ଼ା ୧୩,୭୬୪, କେନ୍ଦୁଝର ୧୦,୮୮୨, ଖୋର୍ଦ୍ଧା ୬୩୦୫, କୋରାପୁଟ ୧୫୦୮, ମାଲକାନଗିରି ୧୦,୭୧୭, ନବରଙ୍ଗପୁର ୧୭୫୯, ନୟାଗଡ଼ ୩୯୫୨, ନୂଆପଡ଼ା ୪୨୭୩, ପୁରୀ ୧୧,୩୩୧, ରାୟଗଡ଼ା ୧୨୫୭, ସମ୍ବଲପୁର ୪୮୦୨, ସୁବର୍ଣ୍ଣପୁରର ୩୧୨୬, ସୁନ୍ଦରଗଡ଼ର ୩୫୪୦ ଚାଷୀ ଅଛନ୍ତି। ଗଞ୍ଜାମ ଜିଲ୍ଲା ଚାଷୀ ସଙ୍ଗଠନ ପକ୍ଷରୁ କୁହାଯାଇଛି, ଗଞ୍ଜାମ ଜିଲ୍ଲାରୁ ୪ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇଥିଲା। ଏଠାରେ ଡିସେମ୍ବର ୨୯ ତାରିଖରୁ ମାର୍ଚ ୩୧ ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ ହେବାର ଥିଲା। ଟୋକନ ସରିଯାଇଥିବା କହି ୧୭ ତାରିଖରୁ ଧାନ ସଂଗ୍ରହ ବନ୍ଦ ହୋଇଗଲା। କଂଗ୍ରେସ ବିଧାୟକ ନରସିଂହ ମିଶ୍ର କହିଛନ୍ତି ଯେ ରାଜ୍ୟରେ ଚାଷୀଙ୍କ ସ୍ଥିତି ନୀତି ଆୟୋଗର ରିପୋର୍ଟ ହିଁ ଦର୍ଶାଇଛି ରାଜ୍ୟ ଚାଷୀ ଆୟର ସ୍ଥିତି। ପ୍ରତିବର୍ଷ ଅନେକ ସଂଖ୍ୟାରେ ଚାଷୀ ଧାନ ବିକ୍ରି କରିପାରୁନାହାନ୍ତି। ଏଥିଯୋଗୁଁ ଆୟ ହାରାହାରି ୫୧୦୦ରେ ପହଞ୍ଚିଛି। ଟୋକନ ଲାପ୍ସ, ଟାର୍ଗେଟ ସମାପ୍ତକୁ ସରକାର କେବଳ ଆଳ କରୁଛନ୍ତି। ସରକାର ପ୍ରତିଟି ଚାଷୀ ଠାରୁ ଧାନ କ୍ରୟ କରିବା ଉଚିତ ବୋଲି ସେ ଦାବି କରିଛନ୍ତି।

# କାଙ୍କେରି ଗ୍ରାମର ଢୋକ୍ରା କାରିଗରଙ୍କୁ ବେଦାନ୍ତର ସହାୟତା



ଭୁବନେଶ୍ୱର,୩୧/୦୩(ନି.ପ୍ର): ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଏହି ଉତ୍କଳ ଦିବସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତି ଐତିହ୍ୟର ସ୍ମୃତିଚାରଣ କରାଯାଇଛି ଏବଂ ଲାଞ୍ଜିଗଡ଼ରେ ଥିବା କଂପାନିର ରିଫାଇନାରି ନିକଟସ୍ଥ କାଙ୍କେରି ଗ୍ରାମର କାରିଗରମାନଙ୍କ ସହ କାର୍ଯ୍ୟ କରି ସୁନ୍ଦର ଓ ପ୍ରାଚୀନ କଳାକୃତି ଢୋକ୍ରାକୁ ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ପ୍ରତିବଦ୍ଧ ହୋଇଛି। ଦିନରେ ସ୍ଥାନୀୟ କାରିଗରମାନଙ୍କ ଦକ୍ଷତାରେ ଉନ୍ନତି ଆଣି, ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ମଂଚରେ ମାନ୍ୟତା ପ୍ରଦାନ କରିବାରେ ସହାୟକ ହୋଇ ଏବଂ ବଜାର ଲିଙ୍କେଜ୍ ସୁଯୋଗ ପ୍ରଦାନ କରି ଏହି କଳାକୃତିରେ ସେମାନଙ୍କ ପାଇଁ ନିରନ୍ତର ଜୀବନଜୀବିକା ସୃଷ୍ଟି କରିବା ଦିଗରେ କଂପାନି କାର୍ଯ୍ୟ କରୁଛି।

ଏକ ଢୋକ୍ରାର ଏକ ଚମତ୍କାର ହବ୍ରେ ପରିଣତ ହେବା ଲାଗି ଏହି ଗ୍ରାମ ପାଖରେ ରହିଥିବା ସୁଯୋଗକୁ ଚିହ୍ନଟ କରି, ଆଧୁନିକ ପଦ୍ଧତି ଜରିଆରେ ପାରମ୍ପରିକ ଡିଜାଇନ୍ ଉତ୍ପାଦନ କରିବା ଲାଗି କାରିଗରମାନଙ୍କୁ ବେଦାନ୍ତ ଆଲୁମିନିୟମ ପ୍ରଶିକ୍ଷଣ ଦେବା ସହ ସେମାନଙ୍କୁ ଧାତବ ଓ କଂଚାମାଲ ସଂଗ୍ରହ କରିବା ଲାଗି ପ୍ରାରମ୍ଭିକ ପୁଞ୍ଜି ଦେଉଛି ଓ ସେମାନଙ୍କ କଳାକୃତିକୁ ଉତମ ଦାମ୍ରେ ବିକ୍ରି କରିବା ଲାଗି ବଜାର ଲିଙ୍କେଜ୍ ସୁଯୋଗ ପ୍ରଦାନ କରୁଛି। କଂପାନି ପକ୍ଷରୁ ନିରନ୍ତର କଳାକୃତି ଉତ୍ପାଦନ ଲାଗି ଏକ କଂଚାମାଲ ବ୍ୟାଙ୍କ ସ୍ଥାପନ କରାଯାଇଛି, ଢ଼ୋକ୍ରା ଉତ୍ପାଦନରେ ସହାୟତା ଲାଗି ଆବଶ୍ୟକ ଆର୍ଥିକ ସହାୟତା ଦେବା ଲାଗି ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ଖାତା ଖୋଲାଯାଇଛି। "କାରିଗର କାର୍ଡ' ଏହି କାରିଗରମାନଙ୍କୁ ଜନ ମାନ୍ୟତା ପ୍ରଦାନ କରିବା ଲାଗି କଂପାନି ଓଡ଼ିଶା ସରକାରଙ୍କ ସହିତ ସହଯୋଗିତା ସ୍ଥାପନ କରିଛି ଯାହା କାରିଗରମାନଙ୍କୁ ସରକାରୀଙ୍କ ଦ୍ୱାରା ଆୟୋଜିତ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା, ନିଜ ସାମଗ୍ରୀ ପ୍ରଦର୍ଶନ କରିବା ଏବଂ ସେମାନଙ୍କ କାର୍ଯ୍ୟର ବାଣିଜ୍ୟିକ କରଣ କରିବାରେ ସହାୟକ ହୋଇଛି । ଏ ସମ୍ପର୍କର କଂପାନିର ସିଇଓ ରାହୁଲ ଶର୍ମା କହିଛନ୍ତି ଯେ ପ୍ରାଚୀନ କଳାକୃତି ଢ଼ୋକ୍ରା ହେଉଛି ଏକ ଜାତୀୟ ସମ୍ପଦ ଯାହା ଆମ ଇତିହାସର ସମୃଦ୍ଧତାକୁ ପ୍ରଦର୍ଶିତ କରୁଛି । ଦୀର୍ଘ ସମୟ ପର୍ଯ୍ୟନ୍ତ ଅନୁସନ୍ଧାନ କରାଯାଇନଥିବା ଗ୍ରାମୀଣ କାରିଗରଙ୍କ ନବସୃଜନ ସମ୍ଭାବନାକୁ ସମୃଦ୍ଧ କରି ଏହି ସ୍ୱଦେଶୀ କଳାକୃତିର ପୁନରୁଦ୍ଧାର କରିବା ଲାଗି ବେଦାନ୍ତ ଆଲୁମିନିୟମ୍ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି ।

# ସିରିଜ ଦୁର୍ଘଟଣାରେ ୨ ମୃତ

ବାରିପଦା, ୩୧/୦୩ (ନି.ପ୍ର): ନିଶାସକ୍ତ ଅବସ୍ଥାରେ ବେପରୁଆ ଗାଡି ଚାଳନା କରି ଆଜି ଅପରାହ୍ନରେ ଜଣେ ଟ୍ରକ ଡ୍ରାଇଭର ସିରିଜ ଦୁର୍ଘଟଣା ଘଟାଇ ୨ ଜଣଙ୍କର ଜୀବନ ନେଇଥିବାର ଜଣା ଯାଇଛି । ଏକ ୧୦ ଚକିଆ ମାଲ ବୋଝେଇ ଟ୍ରକର ଚାଳକ ବେପରୁଆ ଗାଡିଚାଳନା କରି ୪ରୁ ଅଧିକ ସ୍ଥାନରେ ଛୋଟବଡ ଦୂର୍ଘଟଣା ଘଟାଇ ଥିବା ବେଳେ, ଟ୍ରକ ଟିକୁ ଗୋଡ଼ାଇ ଗୋଡ଼ାଇ ବାରିପଦା ସହରର ଟ୍ରାଫିକ ଛକ ନିକଟରେ ଲୋକେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ । ଘଟଣା ମୁତାବକ ଆଜି ଅପରାହ୍ନରେ ଏକ ସିମେଣ୍ଟ ବୋଝେଇ ୧୦ ଚକିଆ ଟ୍ରକ ଉଦଳାରୁ ବାରିପଦା ଅଭିମୁଖେ ଆସୁଥିବା ସମୟରେ ବେପରୁଆ ଗାଡି ଚାଳନା ଯୋଗୁ ପ୍ରଥମେ ବାସିପିଠା ନିକଟରେ ଦୁଇ ଜଣ ଯୁବକ ମରଣ ମୁଁହରୁ ଅଳ୍ପକେ ବର୍ତିଯାଇଥିବା ବେଳେ ପୁନଶ୍ଚ ସେହି ଟ୍ରକ ଡୁକୁରା ଠାରେ ଏକ ଯାତ୍ରୀବାହୀ ବସକୁ ଧକ୍କା ଦେଇ ଘଟଣା ସ୍ଥଳରୁ ଖସିଯାଇଥିଲା । ଦୂର୍ଘଟଣା ଫଳରେ ବସଟି ସାମାନ୍ୟ ଭଙ୍ଗାରୁଜା ହୋଇଥିବା ବେଳେ ସୌଭାଗ୍ୟ ବଶତ ଯାତ୍ରୀମାନେ ସୁରକ୍ଷିତ ରହିଥିବା ଜଣାଯାଇଛି । ଟ୍ରକଟି ସେଠାରୁ ଆସି କରଞ୍ଜିଆ, ପୋଡାଅସ୍ତିଆ ନିକଟରେ ଦୁର୍ଘଟଣା ଘଟାଇ ଶେଷରେ ବାରିପଦା ସହରର ବୁଢାବଳଙ୍ଗ ନଦୀ ପୋଲ ଉପରେ ଦୁଇଜଣଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ବାରିପଦା ପି.ଆର.ଏମ. ମେଡିକାଲ କଲେଜରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାଯାଇଛି । ତେବେ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ, ଚାଳକକୁ ସ୍ଥାନୀୟ ଲୋକେ କାବୁ କରି ବାରିପଦା ଟାଉନ ପୋଲିସକୁ ହସ୍ତାନ୍ତର କରିଛନ୍ତି । ତେବେ ଟ୍ରକ ଚାଳକ ଜଣଙ୍କୁ ପୋଲିସ ଗିରଫ କରିବା ସହିତ ଦୂର୍ଘଟଣା ଘଟାଇଥିବା ଟ୍ରକକୁ ମଧ ସିଜ କରିଛି ପୋଲିସ । ଦୂର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ମାନେ ବାରିପଦା ସଦର ଥାନା ଅଂଚଳର ସୁରଜ କାଳନ୍ଦି ଓ ଭଂଜ କାଳନ୍ଦି ବୋଲି ଜଣା ଯାଇଛି ।

## ଏପ୍ରିଲ ୧୫ରେ ଚିଲିକା ବୁଲିବେ ମନ୍ତ୍ରୀ, ବିଧାୟକ

ଭୁବନେଶ୍ୱର, ୩୧/୦୩ (ନି.ପ୍ର): ବିଧାନସଭା ପକ୍ଷରୁ ସମସ୍ତଙ୍କ ମନ୍ତ୍ରୀ ଓ ବିଧାୟକ ପାଇଁ ଚିଲିକା ବୁଲିବାକୁ ବ୍ୟବସ୍ଥା କରାଯାଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭାରେ ଏନେଇ ଘୋଷଣା କରିଛନ୍ତି। ବାଚସ୍ପତି କହିଛନ୍ତି ଯେ ଆସନ୍ତା ଏପ୍ରିଲ୍ ମାସ ୧୫ ତାରିଖ ସମସ୍ତେ ଚିଲିକା ବୁଲିବାକୁ ଯିବେ। ଏଥିଲାଗି ୬ ତାରିଖ ସୁଦ୍ଧା ଇଚ୍ଛୁକ ଥିବା ମନ୍ତ୍ରୀ ଓ ବିଧାୟକମାନେ ବିଧାନସଭା ସଚିବାଳୟକୁ ଅବଗତ କରିବେ। ୧୫ ତାରିଖ ଦିନ ସକାଳ ୭ଟାରେ ବିଧାନସଭାରେ ସମସ୍ତଙ୍କୁ ପହଂଚିବା ପାଇଁ ନିର୍ଦ୍ଦେଶ ରହିଛି। ବ୍ରେକ୍ ଫାଷ୍ଟ ପରେ ସମସ୍ତ ଆଇଏନ୍ଏସ୍ ଚିଲିକା ଯିବେ। ସେଠାରେ କାଳିଯାଇ ବୁଲିବେ ଏବଂ ଆଇଏନ୍ଏସ୍ ଚିଲିକାରେ କେମିତି ଯୁଦ୍ଧ ନେଇ ପ୍ରସ୍ତୁତି ହେଉଛି , ତାହା ଦେଖିବେ। ଶେଷରେ ସଂଧ୍ୟା ୬ଟାରେ ସମସ୍ତେ ଫେରିବ।


# ବକେୟା ପ୍ରାପ୍ୟକୁ ଅନାଇ ଶ୍ରମିକଙ୍କ ଧୈର୍ଯ୍ୟ ସୀମା ଟପିଲା !

## ବିରଳା ଟାୟାର୍ସ ବିରୋଧରେ 'ଏନସିଏଲଟି' ଯିବ ଶ୍ରମିକ ସଙ୍ଘ ମିଳିତ ମଞ୍ଚ



ବାଲେଶ୍ୱର,୩୧/୦୩ (ନି.ପ୍ର): ଉତ୍ତର ଓଡ଼ିଶାର ବୃହତ ଶିଳ୍ପାନୁଷ୍ଠାନ ବାଲେଶ୍ୱରର ବିରଳା ଟାୟାର୍ସର ଅଚଳାବସ୍ଥାକୁ ନେଇ ଶ୍ରମିକମାନଙ୍କ ଧୈର୍ଯ୍ୟର ସୀମା ଲଙ୍ଘିବାରେ ଲାଗିଛି। ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଜାତୀୟ ଉଦ୍ୟୋଗ ଆଇନ ପ୍ରାଧିକରଣ "ନ୍ୟାସନାଲ କମ୍ପାନି ଲ' ଟ୍ରିବ୍ୟୁନାଲ"(ଏନସିଏଲଟି)ରେ ଫେରାଦ ଦେବାକୁ ଚେତାବନୀ ଦେଇଛନ୍ତି ଶ୍ରମି ସଙ୍ଗଠନ ମିଳିତ ମଞ୍ଚ। ମିଳିତ ମଞ୍ଚର କର୍ମକର୍ତ୍ତା ଓ ବହୁ ଶ୍ରମିକନେତା ଗୁରୁବାର ଜିଲାପାଳଙ୍କୁ ସାକ୍ଷାତ ସହ ବିରଳା କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଶ୍ରମିକଙ୍କ ଦୟନୀୟ ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ। ବିଶେଷ କରି ବିରଳା ଟାୟାର୍ସର ଉତ୍ପାଦନ ୩ ବର୍ଷରୁ ଅଧିକ କାଳ ବନ୍ଦ ରହିଥିବା ବେଳେ ପୂର୍ବରୁ କାର୍ଯ୍ୟ କରି ମଧ୍ୟ ସେମାନଙ୍କୁ ୧୩ ମାସର ବକେୟା ଦରମା ମିଳିନାହିଁ। କେବଳ ଦରମା ନୁହେଁ ୨୦୧୯-୨୦ ମସିହାଠାରୁ ବୋନସ, ପିଏଫ, ଇଏସଆଇ ଅର୍ଥ ସମେତ ଅବସର ନେଇଥିବା ଶ୍ରମିକଙ୍କ ଗ୍ରାଚୁଇଟି ଅର୍ଥ ବି ମିଳିନାହିଁ। ସବୁଠାରୁ ବଡ଼କଥା ହେଲା ବିରଳା ଟାୟାର୍ସ କାର୍ଯ୍ୟକ୍ଷମ ପାଇଁ ଶ୍ରମିକ ସଂଗଠନଙ୍କ ପକ୍ଷରୁ ବାରମ୍ବାର ଜିଲା ପ୍ରଶାସନ, ରାଜ୍ୟ ଶ୍ରମ ମନ୍ତ୍ରାଳୟ, ଶ୍ରମ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏମିତିକି ଗତ ୨୦୨୧ ମାର୍ଚ୍ଚ ମାସରେ ଶ୍ରମ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରମିକ ସଂଗଠନ ଓ ଶିଳ୍ପାନୁଷ୍ଠାନ ପରିଚାଳନା କର୍ତ୍ତୃପକ୍ଷଙ୍କ ଆଲୋଚନା ବୈଠକରେ କିଛି ନିର୍ଯ୍ୟାସ ବାହାରିଲା ନାହିଁ। ପରିଚାଳନା କର୍ତ୍ତୃପକ୍ଷ ପ୍ରତିନିଧିଙ୍କ ଜିଦଖୋର ତଥା ନକାରାତ୍ମକ ମାନସିକତା ଏହାର ମୂଳ କାରଣ ଥିଲା ବୋଲି ଶ୍ରମିକ ସଂଗଠନ କର୍ମକର୍ତ୍ତାମାନେ ଆରୋପ କରିଛନ୍ତି। ତେବେ ଏବେ ଶ୍ରମିକଙ୍କ ଧୈର୍ଯ୍ୟର ସୀମା ଟପିଥିବା ବେଳେ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନରେ କର୍ତ୍ତୃପକ୍ଷ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଜାତୀୟ ଉଦ୍ୟୋଗ ଆଇନ ପ୍ରାଧିକରଣ ନିକଟରେ ମାମଲା ରୁଜୁ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଶ୍ରମିକ ସଂଗଠନଙ୍କ ପକ୍ଷରୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

# କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ



ବାରିପଦା, ୩୧/୦୩ (ନି.ପ୍ର): କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ରେଳପ୍ରକଳ୍ପ ବାବଦରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲି ଠାରେ ଭେଟି ତୁରନ୍ତ ଜିଲ୍ଲାର ଏହି ରେଳ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବାକୁ ଦାବୀ ଜଣାଇଛନ୍ତି । ବହୁ ପ୍ରତିକ୍ଷିତ ବୁଢାମରା ଠାରୁ ଚାକୁଳିଆ ଏବଂ ବାଙ୍ଗିରିପୋଷି ଠାରୁ ଗୋରୁମହିଷାଣି ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ, ଟାଟା ରେଳ ଲାଇନର କେନ୍ଦୁଝର ଏବଂ ବାଦାମପାହାଡ ପର୍ଯ୍ୟନ୍ତ ବିସ୍ତାର , ଭଂଜପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ ଟ୍ରେନକୁ ପ୍ରତିଦିନ ନିୟମିତ ଚାଲିବା ପାଇଁ ବ୍ୟବସ୍ଥା କରିବା ସହିତ ବାରିପଦା, ବାଙ୍ଗିରିପୋଷିଏବଂ ବେତନଟି ରେଳ ଷ୍ଟେସନର ଆଧୁନିକୀକରଣ ପାଇଁ ମଧ ଦୃଢ ଦାବୀ ଉପସ୍ଥାପନ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଟୁଡୁ ।

# ଜନଜାଗୃତି ମଞ୍ଚର ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ : ପ୍ରମିଳା ପଣ୍ଡା



ଉଦଳା, ୩୧/୦୩(ନି.ପ୍ର)- ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନବ ନିର୍ବାଚିତ ନଗରପାଳ ପ୍ରମିଳା ପଣ୍ଡାଙ୍କୁ ଜନଜାଗୃତି ମଞ୍ଚ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ନଗରପାଳ ଶ୍ରୀମତୀ ପଣ୍ଡା କରୋନା ସମୟରେ ପିଲାମାନେ ପାଠପଢ଼ା ଛାଡ଼ି ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଥିଲା । ଏହି ସମୟରେ ମଞ୍ଚ ତରଫରୁ ବିଭିନ୍ନ ଗ୍ରାମ ମାନଙ୍କରେ ଚାଟଶାଳୀ ଖୋଲି ଯେଉଁଭଳି ଢ଼ଙ୍ଗରେ ପିଲାଙ୍କୁ ପାଠ ସହିତ ବାନ୍ଧି ରଖିବାର ଉଦ୍ୟମ କରାଯାଉଥିଲା ତାହା ଥିଲା ବାସ୍ତବରେ ପ୍ରଶଂସନୀୟ ବୋଲି ବ୍ୟକ୍ତ କରିଥିଲେ ।

# ଏମ୍ସ ସାଟେଲାଇଟ ଓପିଡି କାର୍ଯ୍ୟକ୍ଷମ ଦାବିରେ ସ୍ମାରକପତ୍ର ପ୍ରଦାନ

ବାଲେଶ୍ୱର,୩୧/୦୩ (ନି.ପ୍ର): ନିର୍ମାଣ କାର୍ଯ୍ୟ ଶେଷକୁ ଦୀର୍ଘଦିନ ବିତିଯାଇଥିଲେ ବି ଏମସ ସେଟେଲାଇଟ ସେଣ୍ଟର ବହିଃବିଭାଗ କାର୍ଯ୍ୟକ୍ଷମ ନ ହେବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି। ଏନେଇ କମିଟିର ସଭାନେତ୍ରୀ ମମତା ମହାପାତ୍ର ଓ ଆଜୀବନ ସଦସ୍ୟା ଗୀତାଞ୍ଜଳି ସିଂହ ଏମ୍ସ ନିର୍ଦ୍ଦେଶକ ଡାକ୍ତର ମୁକେଶ ତ୍ରିପାଠୀଙ୍କୁ ଗୁରୁବାର ସାକ୍ଷାତ କରିଛନ୍ତି। ଏହି ଅବସରରେ କମିଟି ପକ୍ଷରୁ ଏକ ଦାବିପତ୍ର ଡାକ୍ତର ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା। ଏମ୍ସ ଅଧୀକ୍ଷକ ଡାକ୍ତର ସଚ୍ଚିଦାନନ୍ଦ ମହାନ୍ତି ଓ ସେ ଆସନ୍ତା ମାସ ପ୍ରଥମ ସପ୍ତାହରେ ବାଲେଶ୍ୱର ଗସ୍ତ କରି ଓପିଡି ସେଣ୍ଟର ଖୁବ ଶୀଘ୍ର କାର୍ଯ୍ୟକ୍ଷମ ଦିଗରେ ଉଚିତ ପଦକ୍ଷେପ ନେବେ ବୋଲି ଡାକ୍ତର ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିବା କ୍ରିୟାନୁଷ୍ଠାନ କମିଟିର ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ପତ୍ତା ମିଳୁନାହିଁ ନିଖୋଜ ନାବାଳିକା ମାନସୀର



ଉଦଳା, ୩୧/୦୩ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ଼ -୯ର ବାସିନ୍ଦା ଡ଼ାକ୍ତର ବିନ୍ଧାଣୀଙ୍କ ୧୨ ବର୍ଷ ବୟସର କନ୍ୟା ମାନସୀ ଆଜକୁ ଦେଢ଼ ମାସରୁ ଉର୍ଦ୍ଧ ସମୟ ହେବ ନିଖୋଜ ଅଛନ୍ତି । ଏ ବାବଦରେ ନିଜେ ଡ଼ାକ୍ତର ବିନ୍ଧାଣୀ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ସହିତ ତାଙ୍କର କନ୍ୟାକୁ ଶିଘ୍ର ଫେରାଇ ଆଣିବାକୁ ଗୁହାରୀ ଜଣାଇଛନ୍ତି । ଉଦଳା ଥାନାର ପୁଲିସ ତାଙ୍କର ଏତେଲାକୁ ଗ୍ରହଣ କରି ତଦନ୍ତ ଚଳାଇଥିବାର ଜଣାଯାଇଛି ।


# ବିକାଶର ନୂଆ ପରିଭାଷା, ଗଢ଼ିବା ନୂଆ ଓଡ଼ିଶା

ଓଡ଼ିଶା ସରକାର

- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ରାଜ୍ୟର ୯୬ ଲକ୍ଷ ପରିବାରକୁ ନୂଆ 'ସ୍ମାର୍ଟ ହେଲ୍‌ଥ କାର୍ଡ଼' ଯୋଗାଣ ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ଜରିଆରେ ଘରୋଇ ହସପିଟାଲ୍‌ରେ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଦୈନିକ ହାରାହାରି ୨.୫ କୋଟି ଟଙ୍କା ବ୍ୟୟ କରାଯିବା ସହିତ ଏପର୍ଯ୍ୟନ୍ତ ମୋଟ ୨୩୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି ।
- ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କୁ ମେଡ଼ିକାଲ କଲେଜର ବରିଷ୍ଠ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସୁପର ସ୍ପେଶାଲିଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା'ର ଶୁଭାରମ୍ଭ ।
- ୨୦୨୧-୨୨ ଅଗ୍ରୀମ ଆକଳନ ଅନୁୟାୟୀ ଜାତୀୟ ଅର୍ଥନୀତି ଅଭିବୃଦ୍ଧି ହାର ୮.୮ ରହିଥିବା ସ୍ଥଳେ ଓଡ଼ିଶାର ଅଭିବୃଦ୍ଧି ହାର ୧୦.୦୧ ପ୍ରତିଶତ ରହିଛି ।
- ମହାମାରୀ ସତ୍ତ୍ୱେ ପୁଞ୍ଜି ନିବେଶ ଅଗ୍ରଣୀ କ୍ଷେତ୍ର ଭାବେ ପରିଗଣିତ ହୋଇ ଓଡ଼ିଶାରେ ବିଗତ ତିନିବର୍ଷ ମଧ୍ୟରେ ୪.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ସହ ୧.୫୩ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ।
- ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସଶକ୍ତିକରଣ ପାଇଁ ଆରମ୍ଭ କରାଯାଇଥିବା ଐତିହାସିକ ଆନ୍ଦୋଳନ 'ମିଶନ ଶକ୍ତି'ରେ ୭୦ ଲକ୍ଷ ମହିଳା ସାମିଲ । 'ମିଶନ ଶକ୍ତି ସୁଧ ରିହାତି' ଉପକ୍ରମରେ ୧ ଲକ୍ଷ ୮୬ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୨୦୨୦-୨୧ ବର୍ଷରେ ୧୨୬ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ ।
- ଡିସେମ୍ବର ୨୦୨୧ ସୁଦ୍ଧା 'କାଳିଆ' ଯୋଜନାରେ ରାଜ୍ୟର ୫୭ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ସହାୟତା ପ୍ରଦାନ ।
- '୫-ଟି' 'ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ'ର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧,୦୭୬ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ।
- ଷ୍ଟେଟ୍ ସାଚୁରେସନ୍ ପ୍ଲାନରେ ୫୦ ହଜାର ୨୬୩ କୋଟି ଟଙ୍କାର ପୁଞ୍ଜି ବରାଦ କରାଯାଇ ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ ପାଇପ୍ ପାନୀୟ ଜଳ ସଂଯୋଗର ଲକ୍ଷ୍ୟ ।
- ରାଜ୍ୟର ୬୩ଟି ସହରାଞ୍ଚଳରେ ଶତପ୍ରତିଶତ ପାଇପ୍ ପାନୀୟ ଜଳ ସଂଯୋଗ କରି ଓଡ଼ିଶା ଆଜି ଦେଶର ଏକ ପଥ ପ୍ରଦର୍ଶକ ରାଜ୍ୟ । 'ସିଧାସଳଖ ଟ୍ୟାପ୍‌ରୁ ବିଶୁଦ୍ଧ ପିଇବା ପାଣି ମିଶନ'ରେ ଲଣ୍ଡନ, ଲସ୍‌ଏଞ୍ଜେଲ୍‌ସ ଓ ସିଙ୍ଗାପୁର ଭଳି ଅନ୍ତର୍ଜାତୀୟ ସହର ସହିତ ସମକକ୍ଷ ହୋଇଛି ପୁରୀ ସହର ।
- ବିଭିନ୍ନ ଗ୍ରାମୀଣ ଆବାସ ଯୋଜନାରେ ପକ୍କାଘର ପାଇଥିବା ୩୧ ଲକ୍ଷ ହିତାଧିକାରୀ ପରିବାରଙ୍କୁ ଘର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ 'ବିଜୁ ପକ୍କାଘର ଯୋଜନା'ରେ ୧,୪୪୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ।
- 'ବସ୍ତି ଉନ୍ନତିକରଣ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ୧ ଲକ୍ଷ ୭୦ ହଜାର ଭୂମିହୀନ ପରିବାରଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇ ରାଜ୍ୟର ୮ଟି ସହରକୁ ବସ୍ତିଶୂନ୍ୟ କରାଯାଇଥିବାରୁ ରାଜ୍ୟକୁ 'ଏସିଆ ପାସିଫିକ୍ ହାଉସିଂ ଫୋରମ୍ ଇନୋଭେସନ୍ ପୁରସ୍କାର-୨୦୨୧' ପ୍ରଦାନ ।
- କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ ସହିତ କ୍ରୀଡ଼ାବିତ୍‌ମାନଙ୍କୁ ସଶକ୍ତ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ୧୨୦ କୋଟି ଟଙ୍କା ବ୍ୟୟରେ ରାଉରକେଲାଠାରେ ନିର୍ମାଣାଧିନ ଦେଶର ସର୍ବବୃହତ୍ 'ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍' ସହିତ କଳିଙ୍ଗ ଷ୍ଟାଡ଼ିୟମରେ ପୁରୁଷ ହକି ବିଶ୍ୱକପ୍-୨୦୨୩ ଆୟୋଜିତ ହେବ ।
- ଟୋକିଓ ଅଲମ୍ପିକ୍ସ ୨୦୨୦ରେ ଭାରତୀୟ ହକି ଦଳର ଚମତ୍କାର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆଗାମୀ ୧୦ ବର୍ଷ ପାଇଁ ଅର୍ଥାତ୍ ୨୦୩୩ ମସିହା ପର୍ଯ୍ୟନ୍ତ ଉଭୟ ଭାରତୀୟ ହକି ଦଳର ପ୍ରାୟୋଜକ ଆମ ରାଜ୍ୟ ଓଡ଼ିଶା ।
- କ୍ରୀଡ଼ା ଓ ଅନ୍ୟାନ୍ୟ ଜନ କଲ୍ୟାଣ ଉଦ୍ଦେଶ୍ୟ ସାଧନ ପାଇଁ ୭୦୦ କୋଟି ଟଙ୍କା ବ୍ୟୟରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୮୯ଟି 'ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ୍' ନିର୍ମାଣାଧୀନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ










କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି



ସୁଜଳ


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo